

## ଲଗାତାର ତୃତୀୟ ଥର ଏସିସିର ଅଧ୍ୟକ୍ଷ ହେଲେ ଜୟ ଶାହ


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୬ ● ୧ ଫେବୃୟାରୀ ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-6 ● 1st February 2024, Thursday ● Bhubaneswar | Licensed to post without pre-payment of postage No- BN-60/22-24





ମୋଦୀ ସରକାରଙ୍କ ଗ୍ୟାରେଣ୍ଟି

ଭାରତରେ ବିଶ୍ୱସ୍ତରୀୟ ବିମାନବନ୍ଦର ନେଟୱର୍କ

୨୦୧୪ ତୁଳନାରେ ବିମାନ ବନ୍ଦର ସଂଖ୍ୟା ୭୪ରୁ ବୃଦ୍ଧି ପାଇ ଏବେ ୧୪୯ରେ ପହଞ୍ଚିଛି

ଅଧିକ ସୂଚନା ପାଇଁ ସ୍କାନ୍ କରନ୍ତୁ

ଆମ ସଂକଳ୍ପ ବିକଶିତ ଭାରତ

cbc 22201/13/0242/2324





ଆମ ଓଡ଼ିଶା ନବୀନ ଓଡ଼ିଶା

5T



ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

ବି.ଏସ୍.କେ.ୱାଇ ନବୀନ କାର୍ଡ଼

ବି.ଏସ୍.କେ.ୱାଇ ନବୀନ କାର୍ଡ଼ ପଞ୍ଜୀକରଣର ସମୟସୀମା ୮ ଫେବୃଆରୀ ୨୦୨୪ ପର୍ଯ୍ୟନ୍ତ ବୃଦ୍ଧି

ଦରଖାସ୍ତ ପଞ୍ଜୀକରଣ ପ୍ରକ୍ରିୟା ସମ୍ବନ୍ଧିତ କୌଣସି ସହାୟତା, ଆପତ୍ତି ଓ ଅଭିଯୋଗ ଆଦି ନିମନ୍ତେ ଦରଖାସ୍ତକାରୀ ବି.ଏସ୍.କେ.ୱାଇ କାର୍ଡ଼ ସହାୟତା ନମ୍ବର - ୧୫୫୩୬୯ କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିପାରିବେ ।

"ପ୍ରତିଟି ଜୀବନ ମୂଲ୍ୟବାନ"
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL-596



OIPR : 10001/13/0170/2324


# ଶିକ୍ଷାର ଉତ୍ସବ- 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'

## ୨୦୨୭ ଛାତ୍ରଛାତ୍ରୀ, ୭୦୦ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁରସ୍କାର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧।୧

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଆରମ୍ଭ ହୋଇଛି ଶିକ୍ଷାର ଉତ୍ସବ । ଶିକ୍ଷାକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିବା ପାଇଁ ଶିକ୍ଷା ବ୍ୟବସ୍ଥାରେ ନୂଆ ବିପ୍ଳବ ଆଣିବା ପାଇଁ ୫-ଟି ଉପକ୍ରମରେ ଆରମ୍ଭ ହୋଇଛି ଅଭିନବ ପ୍ରୟାସ । ଜିଲ୍ଲା, ବ୍ଲକ, ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ପୁରାତନ ଛାତ୍ର କମିଟି, ଗ୍ରାମ ପଞ୍ଚାୟତ, ଶିକ୍ଷା ଅଧିକାରୀ, ଜିଲ୍ଲା, ବ୍ଲକ ସମସ୍ତଙ୍କ ଅବଦାନ ପାଇଁ ମିଳିଛି 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପୁରସ୍କାର ପ୍ରଦାନ କରିଛନ୍ତି ।

ବ୍ୟକ୍ତିଗତ ଓ ଆନୁଷ୍ଠାନିକ ଦୁଇଟି ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି । ସମୁଦାୟ ୧୬ଟି ବିଭାଗରେ ୭୫୧୯ଟି ପୁରସ୍କାର ପ୍ରଦାନ କରାଯାଇଛି । ସମୁଦାୟ ୧୩୮ କୋଟି ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି ।





ବ୍ୟକ୍ତିଗତ ପୁରସ୍କାର (ମାଧ୍ୟମିକ) ବର୍ଗରେ ମାଟ୍ରିକ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୨୦୨୭ ଜଣ ମେଧାବୀ ଛାତ୍ରଛାତ୍ରୀ, ୭୦୦ ଶିକ୍ଷକ ଶିକ୍ଷୟିତ୍ରୀ, ୪୧୯ ଜଣ ପ୍ରଧାନ ଶିକ୍ଷକ, ୫୮ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ୧୦ ଜଣ ଗୋଷ୍ଠୀ ଶିକ୍ଷା ଅଧିକାରୀ, ୩ ଜଣ ଜିଲ୍ଲା ଶିକ୍ଷା ଅଧିକାରୀ ପୁରସ୍କାର ପାଇଛନ୍ତି ।

ସେହିପରି ବ୍ୟକ୍ତିଗତ ପୁରସ୍କାର (ପ୍ରାଥମିକ) ବର୍ଗରେ ୩୫୦ ଜଣ ପ୍ରଧାନ ଶିକ୍ଷକ ଓ ୩୧୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପୁରସ୍କାର ପାଇଛନ୍ତି ।

ସେହିପରି ଆନୁଷ୍ଠାନିକ *(ପୃଷ୍ଠା ୭ରେ)*

## ବଜେଟ୍ ଅଧିବେଶନ ଆରମ୍ଭ

# ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଉତ୍କଳମଣିଙ୍କ କାଳଜୟୀ କବିତା

ନୂଆଦିଲ୍ଲୀ, ୩୧।୧

ଆରମ୍ଭ ହେଲା ସଂସଦର କାମଚଳା ବଜେଟ୍ ଅଧିବେଶନ । ପରମ୍ପରା ଅନୁସାରେ ପ୍ରଥମ ଦିନରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନ୍ତରୀଣ ବଜେଟ୍ ଅଧିବେଶନକୁ ଉଦ୍‌ଘାଟନ କରିଛନ୍ତି । ନୂଆ ସଂସଦ ଭବନରେ ସମସ୍ତଙ୍କୁ ମୋର ନମସ୍କାର କହି ବକ୍ତବ୍ୟ ଆରମ୍ଭ କରିଥିଲେ ଶ୍ରୀମତୀ ମୁର୍ମୁ । ଏହାପରେ ଓଡ଼ିଆରେ ଅଭିଭାଷଣ ଦେଇଥିଲେ ରାଷ୍ଟ୍ରପତି । ପ୍ରଥମ ଅଭିଭାଷଣରେ ଉଭୟ ଲୋକସଭା ଏବଂ ରାଜ୍ୟସଭାର ମିଳିତ ଅଧିବେଶନକୁ ସମ୍ବୋଧିତ କରିଥିଲେ । ନୂଆ ଭାରତ ଏବଂ ଶ୍ରେଷ୍ଠ ଭାରତ ନେଇ ସଂକଳ୍ପ ପାଇଁ ଆହ୍ୱାନ ଦେଇଛନ୍ତି ରାଷ୍ଟ୍ରପତି । ଗୁରୁବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ୍ୟବର୍ତ୍ତୀ କାଳୀନ ବଜେଟ୍ ଉପସ୍ଥାପନ କରିବେ ।

ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ଦେଶରେ ଏବେ ଗୋଟିଏ ଭାରତ, ଶ୍ରେଷ୍ଠ ଭାରତର ବାସ୍ନା ବାରି ହେଉଛି । ସମ୍ବିଧାନ ଲାଗୁ ହେବାର ୭୫ ବର୍ଷ ପୂରଣ ହୋଇଛି । ଅମୃତକାଳ ଆରମ୍ଭରେ ସଂସଦ



କୋଠା ନିର୍ମାଣ କରାଯାଇଛି । ଦେଶରେ ୭୦ ହଜାରରୁ ଅଧିକ ଅମୃତ ସରୋବର ନିର୍ମାଣ ହୋଇଛି । ରାମ ମନ୍ଦିର ନିର୍ମାଣ ସ୍ୱପ୍ନ ସତ ହୋଇଛି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ତାଙ୍କ ଅଭିଭାଷଣରେ ଉତ୍କଳମଣି ଗୋପବନ୍ଧୁଙ୍କୁ ମନେପକାଇଛନ୍ତି । ତାଙ୍କ କାଳଜୟୀ କବିତାକୁ ପ୍ରଥମେ ଓଡ଼ିଆ ଓ ପରେ ହିନ୍ଦୀରେ ଗାଇ ବୁଝାଇଛନ୍ତି । ଏହି କବିତାର ପଂକ୍ତିରେ କର୍ତ୍ତବ୍ୟର ପରାକାଷ୍ଠା ଏବଂ ରାଷ୍ଟ୍ର ସର୍ବୋପରି ଦେଖିବାକୁ ମିଳିଛି ବୋଲି କହିଛନ୍ତି ରାଷ୍ଟ୍ରପତି ।

ଅଭିଭାଷଣରେ ରାଷ୍ଟ୍ରପତି କହିଛନ୍ତି, ଏସିଆନ୍ ଗେମ୍‌ସରେ ଭାରତକୁ ସଫଳତା ମିଳିଛି । କ୍ରୀଡ଼ାବିତ୍‌ମାନେ ଶହେରୁ ଅଧିକ ମେଡାଲ ଜିତି ଦେଶରେ ନାଁକୁ ଗୌରବାନ୍ୱିତ କରିଛନ୍ତି । ଏହା ଭାରତ ପାଇଁ ଏକ ବଡ଼ ଉପଲବ୍ଧି । ଜମ୍ମୁ-କଶ୍ମୀରରେ ଧାରା ୩୭୦ ଉଚ୍ଛେଦ ପରେ ସେଠାରେ ବିକାଶର ଏକ ନିରନ୍ତର ଧାରା ଜାରି ରହିଛି । *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


# ଦେବଗଡ଼, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧।୧

ନ୍ୟୁଜ୍ ବ୍ୟୁରୋ

ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଦେବଗଡ଼, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲକ୍ଷ୍ମୀ ବସ୍ ଆମ ଜୀବନକୁ ସହଜ କରିଛି । ଗାଁର ଅର୍ଥନୀତିକୁ ମଜଭୁତ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଯେ ଏହି ଯୋଜନା ପ୍ରଥମେ ମାଲକାନଗିରିରେ ଆରମ୍ଭ



ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଜପତି ଓ କୋରାପୁଟ ଜିଲ୍ଲାବାସୀ ଲକ୍ଷ୍ମୀ ବସ୍ ସେବା ପାଇଥିଲେ । ବୁଧବାର ଏହି ବ୍ୟବସ୍ଥାରେ ଆଉ ୩ଟି ଜିଲ୍ଲା ଯୋଡି ହେଲା ।

ବୁଧବାରର ଶୁଭାରମ୍ଭ ପରେ ୩ଟି ଜିଲ୍ଲାର ୪୪୦ଟି ପଞ୍ଚାୟତରେ ୧୦୧ଟି ବସ୍ ଚାଲିବ । ଏହା ଦ୍ୱାରା ୨୭ *(ପୃଷ୍ଠା ୭ରେ)*

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମାନରେ ସମ୍ମାନିତ ହେବେ ବିଶିଷ୍ଟ ଭାଷାବିତ୍ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ

ଭୁବନେଶ୍ୱର, ୩୧।୧

ନ୍ୟୁଜ୍ ବ୍ୟୁରୋ

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ପଦ୍ମଶ୍ରୀ ତଥା ବିଶିଷ୍ଟ ଭାଷାବିତ୍ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମାନରେ ସମ୍ମାନିତ କରାଯିବ । ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ଭାଷାବିତ୍ *(ପୃଷ୍ଠା ୭ରେ)*



# ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୩୧।୧

ନ୍ୟୁଜ୍ ବ୍ୟୁରୋ

ବରିଷ୍ଠ ଆଇପିଏସ୍ ସ୍ତରରେ ରାଜ୍ୟ ସରକାର ଏକ ଛୋଟ ଧରଣରର ଅଦଳବଦଳ କରିଛନ୍ତି । ଘରୋଇ ବିଭାଗ ପକ୍ଷରୁ ବୁଧବାର ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ରେଳବାଇ ତଥା ତଟ ସୁରକ୍ଷା ବାହିନୀର ଅତିରିକ୍ତ ଡିଜିପି ଦୟାଲ ଗଙ୍ଗୱାରଙ୍କୁ ପୋଲିସ ଆଧୁନିକୀକରଣ ଏଡିଜିପି ଭାବେ ଅବସ୍ଥାପିତ କରାଯାଇଛି । ସେହିପର ପୋଲିସ ଆଧୁନିକୀକରଣ ଏଡିଜିପି ଥିବା ରାଜେଶ କୁମାରଙ୍କୁ ରେଳବାଇ ତଥା *(ପୃଷ୍ଠା ୭ରେ)*

## ଏକାଳ ପଖାଳ



କେନ୍ଦ୍ର ବଜେଟ୍ ବ୍ୟାଗ୍ ଖୋଲିବ
ଜନତା ମେଲିଛି ଆଖି
କ'ଣ ସବୁ ବାହାରିବ ସେଠୁ
କରିଦେବ ଚଖା ଚଖି
ହାତରେ ତେଲକୁ ମାଖି
ଜାଣି ଅଜଣା ହେଇକି ଧରିଲେ
ସବୁ ଖସିଯିବ ଦେଖି !

# ଫେବୃୟାରୀ-୩ରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଇଁ ବ୍ୟାପକ ଆୟୋଜନ





ଭୁବନେଶ୍ୱର, ୩୧।୧

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ଫେବୃୟାରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଜନତା ମଇଦାନ ଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ ହେଉଛି । ବୁଧବାର ଲୋକସେବାଭବନ କନଭେନସନ ସେଣ୍ଟର ସମ୍ମିଳନୀ କକ୍ଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ବିଭାଗୀୟ କମିଶନର ତଥା ଶାସନ ସଚିବ ସୁଜାତା ଆର. କାର୍ତ୍ତିକେୟନ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ବାବଦରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ବିସ୍ତୃତ ସୂଚନା ଦେଇଥିଲେ । ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ଅନୁଷ୍ଠିତ ହେଉଥିବା ଏହି ବିଶ୍ୱସ୍ତରୀୟ ସମ୍ମିଳନୀକୁ ସଫଳ କରିବାପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ଆୟୋଜନ କରାଯାଇଛି । ରାଜ୍ୟ ଭିତରେ ଏବଂ ରାଜ୍ୟ ବାହାରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କ ସହୃଦୟ ସହଯୋଗ ନିମନ୍ତେ ବିଭାଗୀୟ ମନ୍ତ୍ରୀ ଶ୍ରୀ ପାତ୍ର ଅନୁରୋଧ କରିଛନ୍ତି । ବିଭାଗୀୟ କମିଶନର ତଥା ଶାସନ ସଚିବ ସମ୍ମିଳନୀର ରୂପରେଖ, ଉଦ୍ଦେଶ୍ୟ ଓ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ସୂଚନା *(ପୃଷ୍ଠା ୭ରେ)*

# ପିପିପି ମୋଡ୍‌ରେ ପ୍ରତିଷ୍ଠା ହେବ ୫ ଅତ୍ୟାଧୁନିକ ଡାକ୍ତରଖାନା

ଭୁବନେଶ୍ୱର, ୩୧।୧

ନ୍ୟୁଜ୍ ବ୍ୟୁରୋ

ପ୍ରତିଟି ଜୀବନ ମୂଲ୍ୟବାନ୍ ନୀତି ଆଧାରରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ଥର ପାଇଁ ପିପିପି ମୋଡ୍‌ରେ ଅତ୍ୟାଧୁନିକ ଡାକ୍ତରଖାନା ପ୍ରତିଷ୍ଠା କରାଯିବ । ବଡ଼ବିଲ, ଅନୁଗୁଳ, ଭଦ୍ରକ, ଝାରସୁଗୁଡ଼ା ଓ ଗୋପାଳପୁରରେ ସରକାରୀ ଘରୋଇ ଭାଗିଦାରୀ (ପିପିପି)ରେ ଏହି ଡାକ୍ତରଖାନା



ଗୁଡ଼ିକ ଆଗାମୀ ଦୁଇବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବ । ଏଠାରେ ସବୁ ପ୍ରକାର ସେବା ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ, ଆଉ ବିଏସ୍‌କେୱାଇ ହିତାଧିକାରୀଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ସ୍ୱାସ୍ଥ୍ୟ ସେବା *(ପୃଷ୍ଠା ୭ରେ)*



ସର୍ବାଧିକ ବିଶ୍ୱାସଯୋଗ୍ୟ
30 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO
The only ISO Certified
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00

• ବର୍ଷ–୩୧ • ସଂଖ୍ୟା–୬ • ୧ ଫେବୃୟାରୀ ୨୦୨୪, ଗୁରୁବାର • ଭୁବନେଶ୍ୱର • Vol -31 • Issue-6 • 1st February 2024, Thursday • Bhubaneswar
Licensed to post without pre-payment of postage No- BN-60/22-24

DSPL-600

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪

୩ରୁ ୫ ଫେବୃଆରୀ | ଜନତା ମଇଦାନ, ଭୁବନେଶ୍ୱର



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ

କରକମଳରେ

## ଶୁଭାରମ୍ଭ

ଫେବୃଆରୀ ୩ ତାରିଖ, ପୂର୍ବାହ୍ନ ୧୧ଟା ୩୦
ଜନତା ମଇଦାନ, ଭୁବନେଶ୍ୱର

## ବିଶାଳ ଭାଷା ମହାକୁମ୍ଭର ଆକର୍ଷଣ

- ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ପର୍ବ
- ୫ ବରପୁତ୍ରଙ୍କ ନାମରେ ସମ୍ମିଳନୀ କକ୍ଷ
- ୧୬ଟି ବିଶେଷ ଆଲୋଚନଚକ୍ର
- ଯୋଗଦେବେ ଅନ୍ତର୍ଜାତୀୟ ଭାଷାବିତ୍‌
- ଶତାଧିକ ଲେଖକ-ସାହିତ୍ୟିକଙ୍କ ସମାଗମ
- ବିଶିଷ୍ଟ ସାହିତ୍ୟିକ ଓ ଲେଖକଙ୍କୁ ସମ୍ବର୍ଦ୍ଧନା
- କଳାକୃତି ଓ ଫଟୋଚିତ୍ର ପ୍ରଦର୍ଶନୀ

## ଭାଷା ଅତୀତର ଅସ୍ତିତ୍ୱ
## ଭାଷା ହିଁ ଭବିଷ୍ୟତ

www.worldodiaconference.org
wolc_2024 wolc2024 wolc2024

ଆୟୋଜକ: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

OIPR : 15001/13/0315/2324

30 YEARS
ସମ୍ବାଦ କଳିକା

# କରୋନା ପରେ ୬୦% ଗରିବଙ୍କ ସମ୍ପତ୍ତିରେ ହ୍ରାସ

କରୋନା ମହାମାରୀ ସାରା ବିଶ୍ୱରେ ବଡ଼ ଧରଣର ପରିବର୍ତ୍ତନ ଆଣିଛି । କିଛି ଲୋକଙ୍କ ପାଇଁ ଏହା ବହୁତ ବଡ଼ କ୍ଷତିର କାରଣ ହୋଇଥିବା ବେଳେ ଅନ୍ୟ କିଛି ଲୋକଙ୍କ ପାଇଁ ଏହା ଲାଭଦାୟକ ହୋଇଛି । ଅକ୍ସଫାମ ଜାରି କରିଥିବା ଏକ ରିପୋର୍ଟରୁ ଜଣାପଡ଼ିଛି ଯେ ୨୦୨୦ ପରେ ବିଶ୍ୱର ୬୦ ପ୍ରତିଶତ ଗରିବ ଲୋକଙ୍କ ସମ୍ପତ୍ତିରେ ହ୍ରାସ ଘଟିଛି । ସେହି ସମୟରେ ବିଶ୍ୱର ପାଞ୍ଚ ଜଣ ବଡ଼ ଧନୀ ଏଲନ ମସ୍କ, ବର୍ନାର୍ଡ ଆର୍ନଲ୍ଟ, ଜେଫ ବେଜୋସ୍, ଲାରି ଏଲିସନ ଓ ମାର୍କ ଜୁକରବର୍ଗଙ୍କ ସମ୍ପତ୍ତି ଦ୍ୱିଗୁଣିତ ହୋଇଛି ।

ରିପୋର୍ଟ ଅନୁଯାୟୀ, ସାରା ବିଶ୍ୱରେ ୪୭୭ କୋଟି ଲୋକଙ୍କ ସମ୍ପତ୍ତିରେ ୦.୨ ପ୍ରତିଶତ ହ୍ରାସ ହୋଇଛି । ୨୦୨୦ ତୁଳନାରେ ୨୦୨୩ରେ ଧନୀ ଲୋକମାନଙ୍କ ସମ୍ପତ୍ତି ୩ ଲକ୍ଷ କୋଟି ଡଲାର ବଢ଼ିଛି । ମୁଦ୍ରାସ୍ଫୀତି ହାରଠାରୁ ଅଧିକ ବେଗରେ ଧନୀମାନେ ସେମାନଙ୍କ ସମ୍ପତ୍ତି ବଢ଼ାଇଛନ୍ତି । ଯେଉଁ ହାରରେ ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ ରହିଛି ତାହାକୁ ବିଚାରକୁ ନେଲେ ୨୩୦ ବର୍ଷ ପୂର୍ବରୁ ଦାରିଦ୍ର୍ୟ ମୂଳୋତ୍ପାଟନ ହୋଇପାରିବନି । ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ ଲାଗି ରହିବ ଏବଂ ଦଶନ୍ଧି ଭିତରେ ଟ୍ରିଲିଓନେୟାର (ଏକ ଲକ୍ଷ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକ) ସୃଷ୍ଟି ହେବେ । ସର୍ବାଧିକ ଲାଭ କରୁଥିବା ଲୋକମାନଙ୍କ ପାଖରେ କ୍ଷମତା ରହିଥିବା ବେଳେ ଶ୍ରମିକ ଓ ସମାଜରେ ସେମାନଙ୍କ ସମ୍ପତ୍ତି ବଣ୍ଟନ କରୁନଥିବାରୁ ବୈଷମ୍ୟ ବଢୁଛି । ବିଶ୍ୱର ପ୍ରତି ୧୦ ବଡ଼ ସଂସ୍ଥା ମଧ୍ୟରୁ ୭ ସଂସ୍ଥାର ସିଇଓ ବିଲିଓନେୟାର (୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକ) ବିଶ୍ୱର ୧ ପ୍ରତିଶତ ଧନୀ ଲୋକଙ୍କ ପାଖରେ ଦୁନିଆର ୪୩ ପ୍ରତିଶତ ଆର୍ଥିକ ସମ୍ପତ୍ତି ରହିଛି । ଦୁନିଆର ଦୁଇ ତୃତୀୟାଂଶ ଗରିବଙ୍କ ଠାରୁ ସେହି ୧ ପ୍ରତିଶତ ଧନୀ ଲୋକ ଅଧିକ ଅଙ୍ଗାରକାମ୍ଳ ଗ୍ୟାସ ଛାଡୁଛନ୍ତି। ବିଶ୍ୱର ସବୁ ବଡ଼ ଧନୀ ଲୋକମାନେ ହେଉଛନ୍ତି ପୁରୁଷ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ସ୍ୱାସ୍ଥ୍ୟ ଓ ସାମାଜିକ କ୍ଷେତ୍ରରେ ସିଇଓ ହେବା ଲାଗି ଜଣେ ମହିଳା ଶ୍ରମିକଙ୍କୁ ୧୨୦୦ ବର୍ଷ ଲାଗିଯିବ ବୋଲି ଆକଳନ କରାଯାଇଛି ।

# ଭକ୍ତଙ୍କ ମଙ୍ଗଳପାଇଁ ବାବା ପ୍ରକୃତିକୁ ନିୟନ୍ତ୍ରଣ କରିପାରୁଥିଲେ



ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

**ଶ୍ରୀ ସତ୍ୟସାଇ ମହିମା-୨୪୬**

ଥରେ ପ୍ରଶାନ୍ତି ନିଳୟମ୍‌ରେ ସାଇ ଭକ୍ତମାନେ ଦଶହରା ଉତ୍ସବ ଉପଲକ୍ଷେ ସେଠାରେ ପହଞ୍ଚିଥିବା ହଜାରେରୁ ଅଧିକ ଭକ୍ତମାନଙ୍କ ପାଇଁ ପ୍ରସାଦ ରୋଷେଇ କରିବାକୁ ଯାଉଥିବା ବେଳେ ଆକାଶରେ ଘନ ମେଘ ଘୋଡେଇଥିବା ଦେଖି ରୋଷେଇ କରିବା ପାଇଁ ଦୋ ଦୋ ପାଞ୍ଚ ହେଲେ। କାରଣ ବାବାଙ୍କ ଭାଷଣ ଦେଉଥିବା ସ୍ଥାନ ଓ ଭକ୍ତମାନେ ବସି ପ୍ରସାଦ ସେବନ କରିବା ସ୍ଥାନର ବ୍ୟବସ୍ଥା ଖୋଲା ପଡିଆରେ ହୋଇଥିଲା। ସ୍ୱେଚ୍ଛା ସେବକ ମାନେ କଣ କରିବେ ଭାବି ନପାରି ଚିନ୍ତାରେ ପଡିଗଲେ। ଏସବୁ ଦେଖି ସର୍ବଦର୍ଶୀ ବାବା ସେମାନଙ୍କୁ ରୋଷେଇ କରିବା ପାଇଁ ନିର୍ଦ୍ଦେଶ ଦେଲେ। ବାବାଙ୍କ ନିର୍ଦ୍ଦେଶରେ ରୋଷେଇ ଆରମ୍ଭ କରାଗଲା। ଏହାପରେ ବାବା ତାଙ୍କର ଲୀଳା ପ୍ରଦର୍ଶନ କଲେ। ପଡିଆର ଚାରିଆଡେ ତୁମୁଳ ବର୍ଷା ହେଲା କିନ୍ତୁ ବାବାଙ୍କ ଭାଷଣ ହେବା ସ୍ଥାନ ଓ ଭକ୍ତମାନେ ଆସି ପ୍ରସାଦ ସେବନ କରିବା ସ୍ଥାନରେ ଟୋପାଏ ହେଲେ ବର୍ଷାପାଣି ପଡିଲା ନାହିଁ।



ସାଇଭକ୍ତ ଭି.କେ : ନରସିଂହମ୍ ଜଣେ ଖ୍ୟାତନାମା ଲେଖକ ତଥା ସାମ୍ବାଦିକ ଥିଲେ। ୧୯୮୩ ମସିହାରେ ଇଟାଲିର ରାଜଧାନୀ ରୋମ୍‌ରେ ଅନୁଷ୍ଠିତ ହେଉଥିବା ଏକ ସମ୍ମିଳନୀରେ ଜଣେ ମୁଖ୍ୟ ବକ୍ତା ଭାବରେ ସାଇବାବାଙ୍କ ବାର୍ତ୍ତା ଓ ଲକ୍ଷ୍ୟ ଉପରେ ସନ୍ଦର୍ଭ ପ୍ରସ୍ତୁତ କରି ଉପରୋକ୍ତ ସମ୍ମିଳନୀରେ ପାଠ କରିବା ପାଇଁ ଯାଇଥିଲେ। କିନ୍ତୁ ସେଠାରେ ପହଞ୍ଚି ସେ ଦେଖିଲେ ତାଙ୍କର ଚଷମାଟିକୁ ସେ ଭାରତରେ କେଉଁଠି ଛାଡି, ଆସିଛନ୍ତି। ବିନା ଚଷମାରେ କିଛି କରିପାରିବେ ନାହିଁ ଭାବି ନରସିଂହମ୍ ଚିନ୍ତିତ ହୋଇ ପଡିଲେ। କିନ୍ତୁ ବାବା ଏଠାରେ ତାଙ୍କର ଲୀଳା ପ୍ରଦର୍ଶନ କରି ନରସିଂହମ୍ ଓ ଅଷ୍ଟ୍ରେଲିଆର ଆଉଜଣେ ଖ୍ୟାତନାମା ବ୍ୟକ୍ତି ଡ. ଏସ୍. ପାବନ୍ ସୋଫାରେ ବସି ଏହି ସମସ୍ୟା ଉପରେ ଆଲୋଚନା କରୁଥିବା ସମୟରେ ଏକ ଚଷମା ଉପରୁ ଖସି ସେ ଦୁଇଜଣଙ୍କ ମଝିରେ ସୋଫା ଉପରେ ପଡିଗଲା, ସେ ଦୁହେଁ ଆଶ୍ଚର୍ଯ୍ୟ ହୋଇ ଏହା ଦେଖୁଥିବା ବେଳେ ନରସିଂହମ୍ ଚଷମାଟିକୁ ହାତରେ ଉଠାଇ ଦେଖିଲେ ଯେ, ତାହା ତାଙ୍କର ଚଷମା ଥିଲା। ସମ୍ମିଳନୀ ଶେଷ ହେବାପରେ ନରସିଂହମ୍ ଭାରତ ଫେରି ବାବାଙ୍କ ଦର୍ଶନ କଲାବେଳେ ବାବା ହସି ହସି ତାଙ୍କୁ କହିଲେ , '' ତୁମେ ଭାରତରେ କେଉଁଠି ଚଷମା ଛାଡି ଯାଇଥିଲ, ଆଉ ମୁଁ ତାକୁ ବୋହି ଆଣି ରୋମ୍‌ରେ ପହଞ୍ଚେଇ ଦେଲି।''

ଥରେ ପ୍ରଶାନ୍ତି ନିଳୟମ୍‌ରେ ସାଇ ଭକ୍ତମାନେ ଦଶହରା ଉତ୍ସବ ଉପଲକ୍ଷେ ସେଠାରେ ପହଞ୍ଚିଥିବା ହଜାରେରୁ ଅଧିକ ଭକ୍ତମାନଙ୍କ ପାଇଁ ପ୍ରସାଦ ରୋଷେଇ କରିବାକୁ ଯାଉଥିବା ବେଳେ ଆକାଶରେ ଘନ ମେଘ ଘୋଡେଇଥିବା ଦେଖି ରୋଷେଇ କରିବା ପାଇଁ ଦୋ ଦୋ ପାଞ୍ଚ ହେଲେ। କାରଣ ବାବାଙ୍କ ଭାଷଣ ଦେଉଥିବା ସ୍ଥାନ ଓ ଭକ୍ତମାନେ ବସି ପ୍ରସାଦ ସେବନ କରିବା ସ୍ଥାନର ବ୍ୟବସ୍ଥା ଖୋଲା ପଡିଆରେ ହୋଇଥିଲା। ସ୍ୱେଚ୍ଛା ସେବକ ମାନେ କଣ କରିବେ ଭାବି ନପାରି ଚିନ୍ତାରେ ପଡିଗଲେ। ଏସବୁ ଦେଖି ସର୍ବଦର୍ଶୀ ବାବା ସେମାନଙ୍କୁ ରୋଷେଇ କରିବା ପାଇଁ ନିର୍ଦ୍ଦେଶ ଦେଲେ। ବାବାଙ୍କ ନିର୍ଦ୍ଦେଶରେ ରୋଷେଇ ଆରମ୍ଭ କରାଗଲା। ଏହାପରେ ବାବା ତାଙ୍କର ଲୀଳା ପ୍ରଦର୍ଶନ କଲେ। ପଡିଆର ଚାରିଆଡେ ତୁମୁଳ ବର୍ଷା ହେଲା କିନ୍ତୁ ବାବାଙ୍କ ଭାଷଣ ହେବା ସ୍ଥାନ ଓ ଭକ୍ତମାନେ ଆସି ପ୍ରସାଦ ସେବନ କରିବା ସ୍ଥାନରେ ଟୋପାଏ ହେଲେ ବର୍ଷାପାଣି ପଡିଲା ନାହିଁ।

ଆଉ ଏକ ଘଟଣାରେ ଝିଅପିଲାଙ୍କ ଏକ ସ୍କୁଲ ଉଦ୍‌ଘାଟନ କରିବାକୁ ବାବା ଆସିଥିବା ବେଳେ ଦୁବାଇରୁ ଅଧିକ ଭକ୍ତ ବାବାଙ୍କ ଦର୍ଶନ କରିବାକୁ ଆସି ସେଠାରେ ଆଗ୍ରହର ସହିତ ପହଞ୍ଚିଥିଲେ। ଏହି ସମୟରେ ଆକାଶରେ ମେଘର ଗର୍ଜନ ଶୁଣାଗଲା। ବାବା ସେଠାରେ ଘୋଷଣା କଲେ ଯେ, ଆମର ଏହି ଉତ୍ସବ ଶେଷ ନହେବା ପର୍ଯ୍ୟନ୍ତ ଏଠାରେ ଟିକିଏବି ବର୍ଷା ପଡିବ ନାହିଁ। ଠିକ୍ ତାହା ହିଁ ହେଲା। ଉତ୍ସବର ବାହାରେ ଚାରିପଟେ ତୁମୁଳ ବର୍ଷା ହେଉଥିବା ବେଳେ ଉତ୍ସବ ସ୍ଥାନରେ ଟିକିଏ ବି ପାଣି ପଡିନଥିଲା। ସେତେବେଳେ ସେଠାକୁ ଜୋଏଲ୍ ରିରେଡାନ୍ ନାମକ ଜଣେ ବିଦେଶୀ ନାଗରିକ ବାବାଙ୍କୁ ପ୍ରଥମ ଥର ପାଇଁ ଦର୍ଶନ କରିବାକୁ ଆସିଥିଲେ। ବାବାଙ୍କର ଏହି ଐଶ୍ୱରୀକ ଶକ୍ତି ଦେଖି କିଛିଟା ସନ୍ଦେହ ଓ କିଛିଟା ଜାଣିବା ଇଚ୍ଛାପାଇଁ ସେ ମନେ ମନେ ଘୋଷଣା କଲେ ଯେ, ସେ ବାବାଙ୍କୁ ଭଗବାନ ବୋଲି ମାନିବେ ଯଦି ବାବା ଗୋଟିଏ ଇନ୍ଦ୍ରଧନୁ ସୃଷ୍ଟି କରିପାରନ୍ତି, କାରଣ କେବଳ ଭଗବାନ ହିଁ ଇନ୍ଦ୍ରଧନୁ ସୃଷ୍ଟି କରିପାରନ୍ତି। କିଛିଦିନ ପରେ ଦିନେ ସେ ମେଘ ନଥିବା ଆକାଶରେ ଏକ ସୁନ୍ଦର ବର୍ଣ୍ଣନାତୀତ ଇନ୍ଦ୍ରଧନୁ ଦେଖିଲେ। ବାବା ତାଙ୍କୁ ହସି ହସି ପଚାରିଲେ ମୋ ଇନ୍ଦ୍ରଧନୁ କିପରି ଲାଗିଲା ? ଯେତେବେଳେ ରୋମ୍‌ରେ ଅନ୍ତଃରାଷ୍ଟ୍ରୀୟ ସାଇ ଭକ୍ତମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ସେତେବେଳେ ବିଭିନ୍ନ ଦେଶରୁ ଆସିଥିବା ହଜାରେରୁ ଅଧିକ ସାଇଭକ୍ତ ବାବାଙ୍କ କୃପାରୁ ନିର୍ମଳ ଆକାଶରେ ସପ୍ତରଙ୍ଗର ବର୍ଣ୍ଣନାତୀତ ଇନ୍ଦ୍ରଧନୁ ଦେଖି ପ୍ରଫୁଲ୍ଲିତ ହୋଇଥିଲେ।

(କ୍ରମଶଃ)

# ଦକ୍ଷିଣ-ପୂର୍ବ ଏସିଆରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ରାମାୟଣ (୨)



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର,
ମୋ-୮୮୯୫୧୯୦୪୭୫

ଏହି ବୌଦ୍ଧ ଜାତକ ଅନୁଯାୟୀ ବୌଧିସତ୍ତ୍ୱ ରାମ, ଶୁଦ୍ଧୋଦନ ରାଜା ଦଶରଥ, ସାରୀପୁତ୍ତ ଲକ୍ଷ୍ମଣ, ସୀତା ରାହୁଳ ମାତା ଓ ଆନନ୍ଦ ଭରତ ରୂପରେ ଜନ୍ମ ନେଇଥିଲେ। ବାଲ୍ମୀକି ରାମାୟଣ ଓ ତୁଳସୀ ରାମାୟଣରେ ଅହିରାବରଣ ଓ ମହୀରାବଣ ଉପାଖ୍ୟାନ ନାହିଁ। କିନ୍ତୁ ଏହା ଅନେକ ପ୍ରାଦେଶିକ ଭାଷାରେ ଲିଖିତ ରାମାୟଣରେ ଅଛି। ଥାଇଲାଣ୍ଡ, ମାଲେସିଆ, ଲାଓସ୍ ଦେଶରେ ପ୍ରଚଳିତ ରାମାୟଣରେ ଏହି ଉପାଖ୍ୟାନକୁ ମହତ୍ତ୍ୱ ଦିଆଯାଇଛି କାରଣ ରାମାୟଣର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଚରିତ୍ର ହନୁମାନଙ୍କର ବୀରତ୍ୱ ବର୍ଣ୍ଣନା କରେ। ଶ୍ରୀଲଙ୍କାର ରାମ କଥାରେ ରାବଣ ଏକ ସଂପୂର୍ଣ୍ଣ ନକାରାତ୍ମକ ଚରିତ୍ର ନୁହେଁ। ଏଠାରେ ରାବଣ ଜଣେ ମହାଜ୍ଞାନୀ ଓ ଚିକିତ୍ସକ ଭାବେ ପରିଚିତ। ରାମାୟଣ ବର୍ମା ବା ମିଆଁମାରରେ 'ୟାମାୟନ' ନାମରେ ପରିଚିତ। ଏଥିରେ ରାମଙ୍କ ନାମ 'ୟାମ' ସୀତା ଦେବୀ 'ଥିତା' ଓ ରାବଣ 'ୟାଓ୍ୱାନ' ନାମରେ ପରିଚିତ।

ବିଶେଷତଃ ଜାଭା (ଜବଦ୍ୱୀପ), ବୋଲି, ଲୋମ୍ବକ, ଅଞ୍ଚଳରେ ରାମାୟଣର ସର୍ବାଧିକ ପ୍ରଚାର ହୋଇଥିଲା। ସେଠାକାର ସାଂସ୍କୃତିକ ଜୀବନରେ ରାମ କଥାର ଅନେକ ଅଂଶ ସ୍ଥାୟୀ ଭାବେ ଆଦର ଲାଭ କରିଛି। ମଧ୍ୟ ଜାଭାର ପରମ୍‌ବନନ୍ ନାମକ ସ୍ଥାନରେ ଏକ ଶିବ ମନ୍ଦିରରେ ରାମାୟଣର ସମସ୍ତ କଥା ଖୋଦିତ ହୋଇଅଛି। ମନ୍ଦିର କାନ୍ଥରେ ୪୨ଟି ସ୍ଥାନରେ ରାମାୟଣର କଥାକୁ ମୂର୍ତ୍ତିମନ୍ତ କରାଯାଇଅଛି। ସେଥିରେ ରାମଜନ୍ମଠାରୁ ବାନର ସେନାର ଲଙ୍କା ବିଷୟ ପର୍ଯ୍ୟନ୍ତ ଘଟଣାବଳୀ ଦର୍ଶାଯାଇଛି। ଏହି ମନ୍ଦିରଟି ନବମ ଶତାବ୍ଦୀରେ ଶୈଳେନ୍ଦ୍ର ରାଜବଂଶର ରାଜାମାନଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ଜାଭା ଦ୍ୱୀପର ପୂର୍ବାଞ୍ଚଳରେ ଥିବା ଅନ୍ୟ ଏକ ପୁରାତନ ମନ୍ଦିରରେ ରାମାୟଣ ବର୍ଣ୍ଣିତ ଘଟଣାବଳୀ ରହିଛି।

ଦକ୍ଷିଣ-ପୂର୍ବ ଏସିଆର ଅନେକ ଦେଶର ମନ୍ଦିର ଗାତ୍ରରେ ରାମାୟଣ କଥାର ଚିତ୍ର ଖୋଦେଇ ହୋଇଛି। ରାମାୟଣର ବିଷୟବସ୍ତୁ ବିଶ୍ୱର ଅନ୍ୟ ରାଷ୍ଟ୍ରମାନଙ୍କରେ ନାମ, ଚରିତ୍ର, ସ୍ଥାନ ଓ ଘଟଣାବଳୀ ରେ ନୂତନ ରୂପରେଖରେ ପରିପ୍ରକାଶ ଘଟିଛି। ବିଦେଶରେ ପ୍ରଖ୍ୟାତ ରାମାୟଣର ଅନ୍ୟ ରୂପ ଗୁଡିକ ମଧ୍ୟରେ ଥାଇଲାଣ୍ଡର 'ରାମ କଏନ' ଫିଲିପାଇନ୍‌ସର 'ମହାର ତିୟାଲାଓ୍ୱତ୍' ମାଲେସିଆର 'ହିକାୟତ ସେରି ରାମ' ଓ 'ହିକାୟତ ସେରି ରାବଣ', ଲାଓସ୍‌ର ' ପ୍ରାଂଲକ୍ ପ୍ରାଂଲାସ୍' ଜାଭାର 'କକା ୱିନ୍ ରାମାୟଣ' ଅନ୍ୟତମ। ଏହା ସହିତ ପାଲି ଭାଷାରେ ଲିଖିତ ' ଦଶରଥ ଜାତକ' ମାଧ୍ୟମରେ ରାମକଥାର ଭିନ୍ନ ଅଂଶ ଜାପାନ, ଚୀନ, ମଙ୍ଗୋଲିଆ, ତିବ୍ବତ, ପ୍ରଭୃତି ଦେଶରେ ପହଞ୍ଚିଅଛି। ୨୨ଟି ଶ୍ଳୋକର ଏକ ସଂସ୍କୃତ ରାମ କବଚ ଉଦ୍ଧାର କରାଯାଇଛି ବାଲିଦ୍ୱୀପରେ। ବୌଦ୍ଧ ଜାତକ କଥା 'ଦଶରଥ ଜାତକ'ରେ ଭଗବାନ ବୁଦ୍ଧଙ୍କର ପୂର୍ବଜନ୍ମ ବା ବୋଧିସତ୍ତ୍ୱ ଅବସ୍ଥାର ବର୍ଣ୍ଣନା କରାଯାଇଛି। ଏହି ବୌଦ୍ଧ ଜାତକ ଅନୁଯାୟୀ ବୌଧିସତ୍ତ୍ୱ ରାମ, ଶୁଦ୍ଧୋଦନ ରାଜା ଦଶରଥ, ସାରୀପୁତ୍ତ ଲକ୍ଷ୍ମଣ, ସୀତା ରାହୁଳ ମାତା ଓ ଆନନ୍ଦ ଭରତ ରୂପରେ ଜନ୍ମ ନେଇଥିଲେ। ବାଲ୍ମୀକି ରାମାୟଣ ଓ ତୁଳସୀ ରାମାୟଣରେ ଅହିରାବରଣ ଓ ମହୀରାବଣ ଉପାଖ୍ୟାନ ନାହିଁ। କିନ୍ତୁ ଏହା ଅନେକ ପ୍ରାଦେଶିକ ଭାଷାରେ ଲିଖିତ ରାମାୟଣରେ ଅଛି। ଥାଇଲାଣ୍ଡ, ମାଲେସିଆ, ଲାଓସ୍ ଦେଶରେ ପ୍ରଚଳିତ ରାମାୟଣରେ ଏହି ଉପାଖ୍ୟାନକୁ ମହତ୍ତ୍ୱ ଦିଆଯାଇଛି କାରଣ ରାମାୟଣର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଚରିତ୍ର ହନୁମାନଙ୍କର ବୀରତ୍ୱ ବର୍ଣ୍ଣନା କରେ। ଶ୍ରୀଲଙ୍କାର ରାମ କଥାରେ ରାବଣ ଏକ ସଂପୂର୍ଣ୍ଣ ନକାରାତ୍ମକ ଚରିତ୍ର ନୁହେଁ। ଏଠାରେ ରାବଣ ଜଣେ ମହାଜ୍ଞାନୀ ଓ ଚିକିତ୍ସକ ଭାବେ ପରିଚିତ। ରାମାୟଣ ବର୍ମା ବା ମିଆଁମାରରେ 'ୟାମାୟନ' ନାମରେ ପରିଚିତ। ଏଥିରେ ରାମଙ୍କ ନାମ 'ୟାମ' ସୀତା ଦେବୀ 'ଥିତା' ଓ ରାବଣ 'ୟାଓ୍ୱାନ' ନାମରେ ପରିଚିତ। ମଙ୍ଗୋଲିଆର ଲୋକ ସାହିତ୍ୟ ଓ ଜନ ଜୀବନରେ ରାମାୟଣର ବିଭିନ୍ନ ଉପାଖ୍ୟାନ ପ୍ରଚଳିତ ଅଛି। ବହୁ ଶତାବ୍ଦୀ ପୂର୍ବେ ମଙ୍ଗୋଲିଆରୁ ଯାଇ ରୁଷ୍‌ରେ ବସତି ସ୍ଥାପନ କରିଥିବା ବାଲ୍ମୀକି ମାନଙ୍କ ମଧ୍ୟରେ ରାମାୟଣର ବିଭିନ୍ନ ଆଖ୍ୟାନ ବଞ୍ଚି ରହିଛି। ପରିବ୍ରାଜକ, ବ୍ୟବସାୟୀ ଓ ବୌଦ୍ଧ ସନ୍ନ୍ୟାସୀମାନଙ୍କ ଦ୍ୱାରା ରାମକଥା ପହଞ୍ଚିଥିଲା ଚୀନ ଓ ତିବ୍ବତରେ। ଚୀନ୍‌ର ଲୋକ କଥାରେ ବାନର ରାଜା 'ସୁନ୍ ୱୁଜଙ୍କ' ବହୁ ପ୍ରସିଦ୍ଧ ଅଟନ୍ତି। ଏହି ବୀର ବାନର ଚରିତ୍ର ରାମାୟଣର ହନୁମାନଙ୍କର ଅନୁକରଣ ହୋଇଛି ବୋଲି ଗବେଷକମାନେ ମତ ଦିଅନ୍ତି।

ବିଶ୍ୱାସ କରାଯାଏ ଦକ୍ଷିଣ-ପୂର୍ବ ଏସିଆରୁ ରାମାୟଣର ପ୍ରଭାବ ପଡିଥିଲା ପେରୁରେ। ଜଣାଯାଏ ଦକ୍ଷିଣ ଆମେରିକାର ପେରୁର ପୁରାତନ କବିତାରେ ରାମାୟଣର ପ୍ରଭାବ ରହିଛି। ପୃଥିବୀର ଯେଉଁ ସ୍ଥାନରେ ଭାରତୀ ବଂଶୋଦ୍‌ଭବ ରହିଛନ୍ତି ସେଠାରେ ରାମାୟଣ ବଞ୍ଚି ରହିଛି। ଇସ୍ଲାମୀୟ ରାଷ୍ଟ୍ର ବାଂଲାଦେଶରେ ମଧ୍ୟ ଆଠ ପ୍ରକାର ଲୋକ ନୃତ୍ୟ ରହିଛି ଯାହା ରାମାୟଣ ଉପରେ ଆଧାରିତ। ଇସ୍ଲାମୀୟ ସୁଫିବାଦ ମଧ୍ୟ ରାମାୟଣ ଦ୍ୱାରା ପ୍ରଭାବିତ ଗବେଷକମାନେ ମତ ଦିଅନ୍ତି। 'ୱାୟାଙ୍ଗ୍ ତ୍ୱଙ୍ଗ' ଇନ୍ଦୋନେସିଆର ଲୋକନାଟ୍ୟ ସମଗ୍ର ବିଶ୍ୱରେ ସୁପ୍ରସିଦ୍ଧ ଯାହା ରାମ କଥା ଉପରେ ଆଧାରିତ । ଏଠାରେ 'ଖୋନ୍' ନାମକ ମୁଖାପିନ୍ଧା ନୃତ୍ୟ ଦ୍ୱାରା ରାମ କଥା ପରିବେଷଣ କରାଯାଏ। ମାଲେସିଆର 'ୱାୟାଙ୍ଗ' କୁଲିତ' ନାମକ ଛାୟା ନାଟକ ମାଧ୍ୟମରେ ରାମାୟଣର ଉପାଖ୍ୟାନ ମାନଙ୍କୁ ନବମ ଶତାବ୍ଦୀରୁ ପରିବେଷଣ କରାଯାଇ ଆସୁଅଛି। ଏହା ଓଡ଼ିଶାର 'ରାବଣ ଛାୟା' ସଦୃଶ। ଇନ୍ଦୋନେସିଆର ବାଲିଦ୍ୱୀପରେ ଏକ ଗଣନୃତ୍ୟ ଯେଉଁଥିରେ କେବଳ ମୁଖ ଓ ଶରୀରର ଅଙ୍ଗ ଗୁଡିକ ବ୍ୟବହାର କରି ରାମାୟଣର ବିଭିନ୍ନ ଉପାଖ୍ୟାନ ପ୍ରଦର୍ଶନ କରନ୍ତି। , ସେଥିରେ ପ୍ରଦର୍ଶନ କରାଯାଉଥିବା ଉପାଖ୍ୟାନ ଗୁଡିକ ସୀତା ହରଣ, ଜାଟାୟୁ-ରାବଣ ଯୁଦ୍ଧ, ରାବଣ ରାଜସଭାରେ ଅଙ୍ଗଦ, ଲଙ୍କା ଦହନ, କୁମ୍ଭକର୍ଣ୍ଣବଧ ଇତ୍ୟାଦି। ବାଲିଦ୍ୱୀପରେ 'ଚକ୍' ବା ବାନର ନୃତ୍ୟ ବହୁ ପ୍ରସିଦ୍ଧ। ଥାଇଲାଣ୍ଡର ମୁଖାନୃତ୍ୟ 'ଖୋନ୍'ରେ ରାମ ଚରିତ୍ର ସବୁଜ ରଙ୍ଗ ହୋଇଥାଏ କାରଣ 'ରାମକୀର୍ତ୍ତି'ରେ ରାମଙ୍କ ତ୍ୱଚାର ସବୁଜରଙ୍ଗ ବୋଲି ଲେଖାଯାଇଛି। ବିଶ୍ୱର କୋଣ ଅନୁକୋଣରେ ରାମ ଓ ରାମାୟଣର ମହତ୍ତ୍ୱ ପହଞ୍ଚିପାରିଛି। ଏହା ଶତାବ୍ଦୀ-ଶତାବ୍ଦୀ ଧରି ଜନଜୀବନକୁ ଗଭୀର ଭାବରେ ଅନୁପ୍ରାଣୀତ ଓ ପ୍ରଭାବିତ କରିଅଛି। ନ୍ୟାୟ, ଆଦର୍ଶ, ସଂହତି, ସଂପ୍ରୀତି ଭଳି ମାନବିକ ମୂଲ୍ୟ ବୋଧ ଉପରେ ରାମ ରାଜ୍ୟ ପ୍ରତିଷ୍ଠିତ। ସମାଜରେ ଶାସନ ବ୍ୟବସ୍ଥା ରହିଥିବା ଯାଏ ରାମ ରାଜ୍ୟର କଳ୍ପନା ଓ ଆକାଂକ୍ଷା ବଞ୍ଚିରହିଥିବା ରାମ ଓ ରାମାୟଣ ଭୌଗୋଳିକ ସୀମା, ସରହଦ ଅତିକ୍ରମ କରି ବିଶ୍ୱମାନବ ସମାଜର ଏକ ଆଦର୍ଶର ପ୍ରତୀକ ରୂପେ ବିଦ୍ୟମାନ ହୋଇଛି। ରାମଙ୍କର ତ୍ୟାଗପୁର ଆଦର୍ଶ ଜୀବନ ସାଧାରଣ ଜନତାଙ୍କୁ ଯଥେଷ୍ଟ ପ୍ରଭାବିତ କରିଥାଏ। ଏକ ସୁସ୍ଥ, ସୁନ୍ଦର ଓ ସାବଲୀଳ ସମାଜ ଗଠନରେ ରାମ ଓ ରାମାୟଣର ଭୂମିକା ସର୍ବଦା ଅପରିହାର୍ଯ୍ୟ ଏହା ନିଃସନ୍ଦେହ। ରାମ ଲୀଳା ବିଶ୍ୱରେ ଶାନ୍ତି ପ୍ରତିଷ୍ଠାରେ ସହାୟକ ହୋଇପାରିବ ଏହା ସମସ୍ତେ ଅନୁଭବ କରିବା ଆବଶ୍ୟକ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

**ସତ୍ୟ ଭାଗବତ**

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,**
**ଭଦ୍ରକାଳୀ କପାଳିନୀ**
**ଦୁର୍ଗା, କ୍ଷମା, ଶିବା, ଧାତ୍ରୀ**
**ସ୍ୱାହା ସ୍ୱଧା ନମୋସ୍ତୁତେ।'**

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ରାଷ୍ଟ୍ରୀୟ ଅସ୍ମିତାର ପ୍ରତୀକ : ଶ୍ରୀରାମ ମନ୍ଦିର



ନେତାଜୀ ତାପସ କୁମାର ସାହୁ
ପୂର୍ବତନ ଅଧ୍ୟାପକ, ଡଃ ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର
ଯୋଗାଯୋଗ - ୮୨୬୦୩୫୬୧୧୩

ଦୀର୍ଘ ୫୦୦ ବର୍ଷର ସଂଗ୍ରାମ ପରେ ଭାରତୀୟ ଅସ୍ମିତାର ପ୍ରତୀକ ଭାବେ ଅଯୋଧ୍ୟାର ଶ୍ରୀରାମ ମନ୍ଦିର ଆଜି ଭବ୍ୟତା ଓ ଦିବ୍ୟତାର ସହ ଦଣ୍ଡାୟମାନ ହୋଇଛି । ଭାରତର ତିନୋଟି ସ୍ଥାନରେ ପ୍ରତିଟି ଭାରତୀୟଙ୍କ ସ୍ୱତଃ ପ୍ରବୃତ୍ତ ଭାବେ ଅବଦାନ ରହିଛି ଯଥା କନ୍ୟାକୁମାରୀ ସ୍ଥିତ ବିବେକାନନ୍ଦ ଶିଳା ସ୍ମାରକୀ, ନର୍ମଦା ନଦୀ ତଟରେ ଥିବା ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ଏବଂ ଅଯୋଧ୍ୟାର ରାମ ମନ୍ଦିର । ବିଦେଶୀ ଆକ୍ରମଣକାରୀ ବାବର ନିଜର ସାମ୍ରାଜ୍ୟ ବିସ୍ତାର କରିବା ସହ ଭାରତର ଆତ୍ମା ଉପରେ କୁଠାରଘାତ କରି ୧୫୨୮ ମସିହାରେ ଏହି ରାମ ଜନ୍ମଭୂମିରେ ବାବ୍ରୀ ଢାଞ୍ଚା ନିର୍ମାଣ କରିଥିଲେ । କାରଣ ସେ ଭଲ ଭାବରେ ଜାଣିଥିଲେ ଭାରତରେ ଯଦି ଶାସନ କରିବାର ଅଛି ତେବେ ମନ୍ଦିର, ଧର୍ମଶାସ୍ତ୍ର ଓ କଳା ସଂସ୍କୃତିକୁ ହିଁ ଧ୍ୱଂସ କରିବାକୁ ହେବ । ଯାହାଙ୍କ ପଦାଙ୍କ ଅନୁସରଣ କରି ପରବର୍ତ୍ତୀ ସମୟରେ ଇଂରେଜ ମାନେ ମଧ୍ୟ ନାଳନ୍ଦା ବିଶ୍ୱବିଦ୍ୟାଳୟର ପାଠାଗାରକୁ ଜାଳି ଦେଇ ଆମର ଅନେକ କିଛି ଉପାଦେୟ ପୁସ୍ତକ, ଗ୍ରନ୍ଥ ଓ ପାଣ୍ଡୁଲିପିକୁ ସବୁଦିନ ପାଇଁ ଶେଷ କରିଦେଲେ । କୁହାଯାଏ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଥିବା ପୁସ୍ତକ ଗୁଡିକ ୬ ମାସରୁ ଅଧିକ ସମୟ ଧରି ଜଳିଥିଲା, ଏଇଠୁ ସ୍ପଷ୍ଟ ଅନୁମେୟ କେତେ ସଂଖ୍ୟକ ପୁସ୍ତକ ଆଜି ପାଉଁଶ ହୋଇଯାଇଛି ।

ତେଣୁ ବାବରଙ୍କ ଏହି ବର୍ବରତା ଥିଲା ଭାରତୀୟଙ୍କ ପାଇଁ କଳଙ୍କ, ଯାହାକୁ ଅଶୀ ଦଶକ ଶେଷ ଭାଗ ଏବଂ ନବେ ଦଶକର ଆରମ୍ଭରେ ବିଶ୍ୱ ହିନ୍ଦୁ ପରିଷଦ ନେତୃତ୍ୱରେ ଆରମ୍ଭ ହୋଇଥିବା ଆନ୍ଦୋଳନକୁ ତୀବ୍ରତର କରି ପରବର୍ତ୍ତୀ ସମୟରେ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡ଼ଭାନୀ, ମୁରଲୀ ମନୋହର ଯୋଶୀ, ସ୍ୱର୍ଗୀୟ ପ୍ରମୋଦ ମହାଜନ, ତତ୍କାଳୀନ ଗୁଜୁରାଟ ବିଜେପି ସାଙ୍ଗଠନିକ ସଚିବ ତଥା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱର୍ଗୀୟ ଅଶୋକ ସିଘଲ, ସ୍ୱର୍ଗୀୟ ବାଲାସାହେବ ଠାକରେ, ଉମା ଭାରତୀ, ସ୍ୱାଧ୍ୱୀ ରିତୁମ୍ଭରା, ମହନ୍ତ ନୃତ୍ୟ ଗୋପାଳ ଦାସ ମହାରାଜଙ୍କ ପରି ଅନେକ ରାମ ପ୍ରେମୀଙ୍କ ମିଳିତ ଉଦ୍ୟମରେ 'ରାମ ରଥଯାତ୍ରା' ସୋମନାଥ ଠାରୁ ଅଯୋଧ୍ୟା ଯାଏଁ ଆୟୋଜନ କରାଯାଇଥିଲା, ଯାହାକି ପ୍ରତିଟି ସନାତନୀ ରାମ ଭକ୍ତଙ୍କ ତାଙ୍କ ଆରାଧ୍ୟଙ୍କ ପ୍ରତି ଥିବା ଭକ୍ତିକୁ ଆହୁରି ଜାଗ୍ରତ କରିଥିଲା । ଉତ୍ତର ପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ମୁଲାୟମ ସିଂହ ଯାଦବଙ୍କ ରାମ ଭକ୍ତଙ୍କ ଉପରେ ଗୁଳି ଚାଳନା ବେଶ ହୃଦୟ ବିଦାରକ ଥିଲା । ରାମ କୋଠାରୀ ଓ ଶରଦ କୋଠାରୀଙ୍କ ବଳିଦାନ ତାଙ୍କୁ ସବୁଦିନ ପାଇଁ ଅମର କରି ରଖିବ । ତେବେ କେନ୍ଦ୍ରରେ ପି.ଭି. ନରସିଂହ ରାଓ ପ୍ରଧାନମନ୍ତ୍ରୀ ଓ ଉତ୍ତରପ୍ରଦେଶରେ କଲ୍ୟାଣ ସିଂଙ୍କର ସରକାର ଥିଲା ବେଳେ ୬ ଡିସେମ୍ବର ୧୯୯୨ ରେ ଏହି ବିବାଦିତ ଢାଞ୍ଚାକୁ ରାମ ଭକ୍ତ ମାନେ ଧ୍ୱସ୍ତ କରିଦେଇଥିଲେ । ଖାଲି ସେତିକି ନୁହେଁ ଦେଶର ପ୍ରତିଟି କୋଣ ଅନୁକୋଣରେ ରାମଙ୍କ ମନ୍ଦିର, ଦୈନିକ ରାମାୟଣ ପାଠ, ଦୀପାବଳି, ରାମଲୀଳା ଆୟୋଜନ କରାଯାଉଥିବା ବେଳେ ସମ୍ବିଧାନରେ ରାମ ଦରବାର ଫଟୋ ଥାଇ ସୁଦ୍ଧା ସୁପ୍ରିମକୋର୍ଟରେ ରାମଙ୍କ ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ କାଳ୍ପନିକ ବୋଲି ତତ୍କାଳୀନ ସଂଯୁକ୍ତ ପ୍ରଗତିଶୀଳ ଗଠବନ୍ଧନର ସରକାର ଦାବି କରିଥିଲେ, ଯେବେ କି ପୂର୍ବ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ମନ୍ଦିରର ତାଲା ଖୋଲିଥିଲେ । ତେବେ ୨୦୧୦ ମସିହାରେ ଆହ୍ଲାବାଦ ହାଇକୋର୍ଟ ରାୟ ଦେଇ ଉକ୍ତ ଜମିକୁ ହିନ୍ଦୁ ପକ୍ଷ, ନିର୍ମୋହୀ ଆଖଡା ଏବଂ ସୁନି ଓ୍ୱାକଫ ବୋର୍ଡ଼ ମଧ୍ୟରେ ବାଣ୍ଟି ଦେଇଥିଲେ । ମାତ୍ର କୌଣସି ପକ୍ଷ ଏଥିରେ ରାଜି ନ ହେବାକୁ କଥା ସୁପ୍ରିମକୋର୍ଟ ଯାଇଥିଲା । ତେବେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଓ ଖନନ କାର୍ଯ୍ୟ ସମେତ ବିଭିନ୍ନ ପ୍ରମାଣ ଆଧାରରେ ସୁପ୍ରିମକୋର୍ଟ ଶେଷରେ ୯ ନଭେମ୍ବର ୨୦୧୯ରେ ହିନ୍ଦୁ ପକ୍ଷକୁ ସେହି ୨.୭୭ ଏକର ଜମି ଯେଉଁଠି ରାମ ଜନ୍ମ ହୋଇଥିଲେ ଏବଂ ତାଙ୍କର ମୂର୍ତ୍ତି ପ୍ରକଟ ହୋଇଥିଲେ ତାହାକୁ ରାମ ମନ୍ଦିର ନିର୍ମାଣ ପାଇଁ ଅନୁମତି ଦେଇଥିଲା ବେଳେ ମୁସଲମାନ ପକ୍ଷଙ୍କୁ ଅନତିଦୂରରେ ୫ ଏକର ଜାଗାରେ ମସଜିଦ ନିର୍ମାଣ ପାଇଁ ଜମି ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପଡୋଶୀ ଶ୍ରୀଲଙ୍କା, ନେପାଳ, ଭୁଟାନ, ଇଣ୍ଡୋନେସିଆ ପରି ଅନେକ ଦେଶରେ ରାମଙ୍କୁ ବିଶ୍ୱାସ କରି ପୂଜାର୍ଚ୍ଚନା କରାଯାଉଥିବା ବେଳେ ଜନ୍ମଭୂମି ଭାରତରେ ରାମଙ୍କ ଅସ୍ତିତ୍ୱ ପାଇଁ ଦୀର୍ଘ ୫୦୦ ବର୍ଷର ସଂଗ୍ରାମ ବେଶ ଚକିତ କରେ । ରାମ ମନ୍ଦିର ନିର୍ମାଣ ପାଇଁ ରାୟ ନ ଆସିବା ଯାଏଁ ଅଯୋଧ୍ୟା ଫେରିବେ ନାହିଁ ବୋଲି ଦୃଢ ସଂକଳ୍ପ ନେଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶେଷରେ ତାଙ୍କର ୨୯ ବର୍ଷ ଅପେକ୍ଷାର ଅନ୍ତ ଘଟାଇ ୫ ଅଗଷ୍ଟ ୨୦୨୦ ମସିହାରେ କରୋନା ମହାମାରୀ ମଧ୍ୟରେ ରାମ ମନ୍ଦିର ନିମନ୍ତେ ଭୂମି ପୂଜନ କରିଥିଲେ । ଆଜି ଯେଉଁ ମନ୍ଦିର ନିର୍ମାଣ ହୋଇଛି ତାହା ରାମ ମନ୍ଦିର ନିମନ୍ତେ ସଂଗୃହୀତ ଦାନ ରାଶିର ସୁଧରେ ହିଁ ହୋଇଛି ।

ପ୍ରଜାନୁରଞ୍ଜକ ପ୍ରଭୁ ଶ୍ରୀରାମଙ୍କ ଶାସନ ଓ ସେବା ମନୋଭାବ ବର୍ତ୍ତମାନର ଶାସନ ପ୍ରଣାଳୀ ଅନୁସରଣ କରିବା ଉଚିତ । ମାତା କୈକେୟୀ ହିଁ ରାମଙ୍କ ଦୀର୍ଘ ଭବିଷ୍ୟତ ଦେଖି ତାଙ୍କୁ ରାଜ ଉଆସ ମଧ୍ୟରେ ନ ରଖି କିପରି ଚକ୍ରବର୍ତ୍ତୀ ସମ୍ରାଟ ହେବେ ତଥା ପିଢି ପରେ ପିଢି ତାଙ୍କୁ ଲୋକେ ମାନେ ନିଜର ଆଦର୍ଶ ଭାବେ ଗ୍ରହଣ କରିବେ, ସେଇଥିପାଇଁ ନିଜର ପୁତ୍ର ଭରତଙ୍କୁ ପଛରେ ପକାଇ ରାମଙ୍କୁ ଆଗଭର କରିଥିଲେ । ସେ ସମୟରେ ୧୪ବର୍ଷ ଅଯୋଧ୍ୟାର ସିଂହାସନରେ ଯିଏବି ବସିଥାନ୍ତେ ତାଙ୍କୁ ବିପଦ ସହ ସଂଘର୍ଷ କରିବାକୁ ପଡିଥାନ୍ତା । ତେଣୁ କୈକେୟୀଙ୍କୁ ଭରତ ଯେତେବେଳେ ରାମଙ୍କ ବନବାସ ପାଇଁ ଦାୟୀ କରିଥିଲେ ସେତେବେଳେ ରାମ କହିଥିଲେ 'କୁପୁତ୍ର ଜାୟତେ କୋଚିଦପି କୁମାତା ନ ଭବତି', ଅର୍ଥାତ୍ ସନ୍ତାନ ଖରାପ ହୋଇପାରେ କିନ୍ତୁ ମାଆ କେବେ ବି କୁମାତା ନୁହନ୍ତି । ତେଣୁ ସେଦିନ କୈକେୟୀଙ୍କ ମହତାକାଂକ୍ଷା ରାମଙ୍କୁ ତାଙ୍କର ସ୍ୱତନ୍ତ୍ର ପରିଚୟ ଆଜିବି ଦେଉଛି ଏବଂ ସବୁବେଳେ ଦେଉଥିବ । ଉକ୍ତ ୧୪ବର୍ଷରେ ପ୍ରଭୁ ରାମ ଭାରତର ବିଭିନ୍ନ ସ୍ଥାନରେ ନିଜର ଅମର ଅକ୍ଷୟ କୀର୍ତ୍ତି ଛାଡି ଦେଇ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ଦେଇଛନ୍ତି । ଅଧର୍ମର ବିସ୍ତାର କରୁଥିବା ଅତ୍ୟାଚାରୀ ରାକ୍ଷସ ମାନଙ୍କୁ ବଧ କରି ସନାତନ ଧର୍ମର ବାର୍ତ୍ତାବହକାରୀ ଋଷି ମହର୍ଷି ମାନଙ୍କୁ ସୁରକ୍ଷା ଏକ ପକ୍ଷରେ ଦେଇଥିବା ବେଳେ ବିଜ୍ଞାନୀ କୈବର୍ତ୍ତ, ଅହଲ୍ୟା, ଶବରୀ, ଜଟାୟୁ, ହନୁମାନ, ଅଙ୍ଗଦ, ଜାମ୍ବବାନ, ଗୁଣ୍ଡୁଚିମୂଷାଙ୍କ ପ୍ରତି ରାମଙ୍କ ସଦ୍ଭାବନା ଆଜିର ସମୟରେ ଆମକୁ ପ୍ରେରଣା ଦେଇଥାଏ । ସେହିପରି ଅନ୍ୟାୟ ଓ ଅତ୍ୟାଚରରେ ଜର୍ଜରିତ ସୁଗ୍ରୀବ ଓ ବିଭୀଷଣଙ୍କୁ ନ୍ୟାୟ ପ୍ରଦାନ ପୂର୍ବକ ସେମାନଙ୍କ ରାଜ୍ୟାଭିଷେକ କରିଥିଲେ । ରାମଚନ୍ଦ୍ର ରାବଣଙ୍କୁ ବଧ କରିଥିଲେ ସୁଦ୍ଧା ତାଙ୍କ ନିକଟରେ ଥିବା ରାଜନୀତି ଜ୍ଞାନ ଆହରଣ କରିବା ପାଇଁ ଲକ୍ଷ୍ମଣଙ୍କୁ ନିର୍ଦ୍ଦେଶ ଦେଇଥିଲେ , କାରଣ ରାବଣ ନିକଟରେ ସମସ୍ତ ଜ୍ଞାନର ଭଣ୍ଡାର ଥିଲା । ଖାଲି ସେତିକି ନୁହେଁ ବର୍ତ୍ତମାନର ଧନୁଷକୋଟି ଠାରେ ଥିବା ରାମସେତୁ ଓ ରାମେଶ୍ୱରମ ଶିବ ଜ୍ୟୋତିର୍ଲିଙ୍ଗଙ୍କୁ ପ୍ରତିଷ୍ଠା କରିବା ପାଇଁ ଲଙ୍କେଶ ରାବଣ ଆସି ପୂଜା ବିଧି କରିବା ଏହି ବାର୍ତ୍ତା ଦିଏ ରାମ ରାବଣର ଅହଙ୍କାର ଓ ଅତ୍ୟାଚାରୀ ବିଚାରଧାରାର ପରିପନ୍ଥୀ ଥିଲେ କିନ୍ତୁ ତାଙ୍କ ନିକଟରେ ଥିବା ଜ୍ଞାନ ଓ ବିଦ୍ୟାକୁ କେବେ ବି ବିରୋଧ କରିନଥିଲେ । ତେଣୁ ରାଜନୀତିରେ ଏହି ବାର୍ତ୍ତା ଆଜି ଅନେକ ମହତ୍ତ୍ୱ ରଖେ । ବିଚାରଧାରାର ବିରୋଧ ହେଉ କିନ୍ତୁ ରାଷ୍ଟ୍ର ହିତ ଓ ଜନ ସ୍ୱାର୍ଥ ପାଇଁ ବ୍ୟକ୍ତିଗତ ହିତକୁ ବଳି ଦେବା ଆବଶ୍ୟକ । ଲଙ୍କା ବିଜୟ ପରେ ଲକ୍ଷ୍ମଣ ରାମଙ୍କୁ କହିଥିଲେ ଅଯୋଧ୍ୟା ନ ଫେରି ସ୍ୱର୍ଣ୍ଣପୁରୀରେ ରହିବା ପାଇଁ । କିନ୍ତୁ ରାମ କହିଥିଲେ - 'ଅପି ସ୍ୱର୍ଣ୍ଣମୟୀ ଲଙ୍କା ନମେ ଲକ୍ଷ୍ମଣ ରୋଚତେ, ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି ।' ଅର୍ଥାତ ଜନନୀ ଓ ଜନ୍ମଭୂମି ସ୍ୱର୍ଗ ଠୁ ମଧ୍ୟ ବଡ । ଏହାପରେ ପିତୃ ସତ୍ୟ ପାଳନ ପୂର୍ବକ ଏବଂ ଚଉଦ ବର୍ଷ ବନବାସ ଶେଷ କରି ସଠିକ ସମୟରେ ଅଯୋଧ୍ୟା ଫେରିବା ଆଜି ଆମ ମାନଙ୍କୁ ବଚନ ରକ୍ଷାର ପ୍ରେରଣା ଦେଇଥାଏ । ସେଇଥିପାଇଁ କୁହାଯାଏ - ' ରଘୁକୁଳ ରୀତି ସଦା ଚଲି ଆଇ, ପ୍ରାଣ ଯାଏ ପର ବଚନ ନ ଯାଇ ।' ସେହିପରି ନିଜର ଉତ୍ତର ପିଢିକୁ କିପରି ସଂସ୍କାର ଦେବା ସହ ଗର୍ଭ ଧାରଣ ସମୟରୁ ସଠିକ ଭାବେ ଏହାର ଉଚିତ୍ ମାର୍ଗ ଦର୍ଶନ ହେବ, ସେଥିପାଇଁ ମାତା ସୀତାଙ୍କୁ ରାମଚନ୍ଦ୍ର ଦେଇଥିବା ପ୍ରତିଶ୍ରୁତି ମୁତାବକ ତାଙ୍କୁ ବାଲ୍ମିକୀ ଆଶ୍ରମରେ ମହର୍ଷି ବାଲ୍ମିକୀଙ୍କ ତତ୍ତ୍ୱାବଧାନରେ ରଖିଥିଲେ । ଯାହାର ଫଳ ସ୍ୱରୂପ ଲବ ଓ କୁଶ ଦୁଇ ରଘୁକୂଳ ଉଜ୍ଜ୍ୱଳକାରୀ ସୁପୁତ୍ର ଜନ୍ମ ହୋଇ ଅଶ୍ୱମେଧ ଯଜ୍ଞ ଓ ରାମ ସଭାରେ ନିଜ ପ୍ରତିଭାର ପରିଚୟ ଦେଇଥିଲେ ।

ସର୍ବୋପରି ପ୍ରଭୁ ଶ୍ରୀରାମଙ୍କ ପିତା ମାତାଙ୍କ ପ୍ରତି ଥିବା ଭକ୍ତି, ଭାଇ ଭାଇଙ୍କ ମଧ୍ୟରେ ଥିବା ଦୃଢ଼ ସମ୍ପର୍କ, ଧର୍ମର ସୁରକ୍ଷାକାରୀ ଋଷି ମହର୍ଷି ମାନଙ୍କୁ ସୁରକ୍ଷା, ବିଚକ୍ଷଣ କୂଟନୀତି ଓ ବିଦେଶ ନୀତି, ଜାତିବାଦ ଓ ବିଭେଦକାରୀ ରାଜନୀତି ଠୁ ଉପରକୁ ଉଠି ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧି ରଖି ସମସ୍ତଙ୍କ ପାଇଁ ସମାନ ନିୟମ ତଥା ଶାସନ ପ୍ରଣାଳୀର ଦୂରଦର୍ଶିତା ହିଁ ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମର ଆଖ୍ୟା ପ୍ରଦାନ କରିଛି । ତେଣୁ ରାମ ମନ୍ଦିର କେବଳ ଆଧ୍ୟାତ୍ମିକ ସ୍ଥଳ ନୁହ, ଏହା ରାମଙ୍କ ପ୍ରଦର୍ଶିତ ମାର୍ଗକୁ ସମଗ୍ର ବିଶ୍ୱରେ ସୁଶାସନର ପ୍ରତିଷ୍ଠା ନିମନ୍ତେ ପ୍ରେରଣା ଦେଉଥିବା କେନ୍ଦ୍ରସ୍ଥଳ ।



Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଅଯୋଧ୍ୟା ଧାମ ଡାକେ ତୁ ଆ’

**ମହେନ୍ଦ୍ର କୁମାର ଘଡ଼େଇ**



ହାତକୁ ଠାରି ଅଯୋଧ୍ୟା ଧାମ
ଡାକେ ତୁ ଆ’ ଆ’
ପୁଣ୍ୟର ଏଇ ମାଟିକୁ ଥରେ
ଛୁଇଁ ଛୁଇଁ ତୁ ଯା’
ବାଟ ଘାଟରୁ ମନ୍ଦିର ବେଢ଼ା
ଶିଳିପି କୁଳ ଲାଗି
ଆଖିଝଲସା କଳାକାମରେ
ଉଠିଛି ସିଏ ଜାଗି
ତୋରଣ ଖମ୍ବ ଚଉପାଶରେ
ଛବି ଭଳିକି ଭଳି
ବସା ନଗର କଥା କୁହନ୍ତି
ଆମ ଚଳଣି ତୋଳି
ମୁଖଶାଳାରୁ ନାଟମନ୍ଦିର
ରତନ ବେଦୀ ଯାଏ
ରାମଲାଲାର ଗୁଣ ସୁମରି
ବନ୍ଦନା ତା’ର ଗାଏ
ମୂରତୀ ଦେହେ ପରାଣ ଥାପି
ଏ ଜାତି କରେ ଅଳି
ବାଧା ବନ୍ଧନ ରହିଛି ଯାହା
ଦିଅ ଧରାରୁ ଟାଳି
କୋଟିଏ ସୁତାସୁତରେ ଆମେ
ଗୋଟିଏ ପରିଚୟ
ମୁହେଁ ଧରିବୁ ନାହିଁରେ କେବେ
ମୂଳକ ପରାଜୟ
ଯେମିତି ଯୋଉ ରୂପ ପଛକେ
ଦେଖେ ଅନ୍ତରେ ଯିଏ
ତାହାରି ପାଖେ ମଥା ନୁଆଇଁ
ପାଇଛି ଫଳ ସିଏ
ବଇରୀ ସାଜି ହଟାଏ ବଳ
ମନ ଗରବ ପୁଣି
ଭଲ କାମରେ ଜନମନକୁ
ନପାରେ ସିଏ କିଣି ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*



ଲଳିତ ମୋହନ ମିଶ୍ର



# ବହୁ ତୁଣ୍ଡରେ ଛେଳି କୁକୁର

କେଉଁ ଏକ ଜଙ୍ଗଲରେ ଗୋଟିଏ ପେଚା ରହୁଥିଲା । ଦିନତମାମ ସେ କିଛି ଦେଖି ପାରୁନଥିଲା । ଦିନସାରା ଗଛର କୋରଡରେ ଲୁଚି ରହୁଥିଲା । ରାତି ହେବା ପରେ ସେ ଖାଦ୍ୟ ପାଇଁ ବାହାରକୁ ଯାଉଥିଲା । ଗୋଟିଏ ସମୟର କଥା, ସେ ସମୟରେ ଖରା ମାସ ଥିଲା । ଉଦୁଉଦିଆ ଦ୍ୱିପ୍ରହର, ଅତ୍ୟଧିକ ଖରା । ଖରା ଯୋଗୁଁ ବାହାରକୁ ବାହାରିବା କଷ୍ଟକର । ତା’ପରେ କୌଣସି ସ୍ଥାନରୁ ଏକ ମାଙ୍କଡ଼ ଆସି ପେଚା ବାସ କରୁଥିବା ଗଛ ଡାଳରେ ବସିଲା । ଗରମ ଓ ଖରାରେ ସେ ବ୍ୟଥିତ ହୋଇ କହିଲା- ଓଃ ! ବହୁତ ଗରମ ହେଉଛି ସୂର୍ଯ୍ୟ ମଧ୍ୟ ଆକାଶରୁ ଅଗ୍ନି ବର୍ଷା କରୁଛନ୍ତି । ସୂର୍ଯ୍ୟଙ୍କ ପ୍ରଖରତା ହେତୁ ରହି ହେଉନାହିଁ । ଉପରକୁ ଚାହିଁ ଆଉ ସୂର୍ଯ୍ୟଙ୍କୁ ଦେଖିବାକୁ ଇଚ୍ଛା ହେଉନାହିଁ । ମାଙ୍କଡ଼ର କଥା ପେଚାଟି ଗଛ କୋରଡରେ ଶୁଣୁଥିଲା । ସେ ସୂର୍ଯ୍ୟଙ୍କ ବିଷୟରେ ଶୁଣି ଧୈର୍ଯ୍ୟ ଧରି ରହିପାରିଲା ନାହିଁ । ବାଧା ଦେଇ କହିଲା- ଆପଣ ମିଛ କହୁଛନ୍ତି । ସୂର୍ଯ୍ୟଙ୍କର କିରଣ ନୁହେଁ, ଚନ୍ଦ୍ରଙ୍କର କିରଣ ପ୍ରଖର । ତେବେ ମୁଁ ଏହାକୁ ସତ ବୋଲି କେମିତି ବିଶ୍ୱାସ କରିଥାନ୍ତି ? ମାଙ୍କଡ଼ କହିଲା- ଦିନରେ ଚନ୍ଦ୍ର କେମିତି କିରଣ ପ୍ରଦାନ କରିବେ ? ଚନ୍ଦ୍ର ରାତିରେ ପ୍ରକାଶିତ ହୋଇଥାନ୍ତି । ଏହା ଦିନ, ତେଣୁ ଦିନରେ ସୂର୍ଯ୍ୟଙ୍କ କିରଣ ଉଜ୍ଜ୍ୱଳତମ ହେବ । ଏହି କାରଣରୁ ସୂର୍ଯ୍ୟଙ୍କ କିରଣ ପ୍ରଖର ଥିବା ଯୋଗୁଁ ପ୍ରବଳ ଗରମ ହେଉଅଛି । ମାଙ୍କଡ଼ଟି ପେଚାକୁ ବହୁତ ବୁଝାଇବାକୁ ଚେଷ୍ଟା କଲା । ଚନ୍ଦ୍ର ଦିନରେ ନୁହେଁ ରାତିରେ ପ୍ରକାଶିତ ହୁଅନ୍ତି । ସୂର୍ଯ୍ୟ ଦିନରେ ଉଜ୍ଜ୍ୱଳ ହୋଇଥାନ୍ତି, କିନ୍ତୁ ପେଚା ନିଜ ଜିଦ୍‌ରେ ଅଟଳ । ମାଙ୍କଡ଼ ଯେତେ ବୁଝାଇବାକୁ ଚେଷ୍ଟା କଲା ପେଚା ବୁଝିବାକୁ ନାରାଜ । ପେଚା କହିଲା- ମୋର ଜଣେ ବନ୍ଧୁଙ୍କ ପାଖକୁ ଚାଲ ଯିବା । ସେ ଯାହା କହିବେ ସେଥିରେ ମୋର ସମ୍ମତ । ଉଭୟ ମାଙ୍କଡ଼ ଓ ପେଚା ଅନ୍ୟ ଏକ ଗଛ ପାଖକୁ ଗଲେ । ସେହି ଗଛରେ ପେଚା ମାନଙ୍କର ଏକ ବିରାଟ ଦଳ ରହୁଥିଲେ । ଏହି ପେଚାଟି ସମସ୍ତଙ୍କୁ ଡାକିଲା । ସମସ୍ତ ପେଚା ବାହାରକୁ ଆସିଲେ, ପେଚାଟି ପଚାରିଲା- ଆପଣମାନେ ସମସ୍ତେ କୁହନ୍ତୁ, ସୂର୍ଯ୍ୟ ଦିନରେ କେବେ ପ୍ରକାଶିତ ହୁଅନ୍ତି କି ? ଏହି ମାଙ୍କଡଟି ମୋତେ କହୁଛି ସୂର୍ଯ୍ୟ ଦିନରେ ପ୍ରକାଶିତ ହୁଅନ୍ତି । ରାତିରେ ଚନ୍ଦ୍ର ପ୍ରକାଶିତ ହୁଅନ୍ତି । ଏହାର ଉତ୍ତର ଆପଣ ମାନେ ଦିଅନ୍ତୁ । ଏ କଥା ଶୁଣି ସମସ୍ତ ପେଚା ହସିବାକୁ ଲାଗିଲେ ଏବଂ ମାଙ୍କଡ଼ର କଥାକୁ ଉପହାସ କରିବାକୁ ଲାଗିଲେ । ସମସ୍ତେ କହିଲେ, ଆରେ ମୂର୍ଖ ମାଙ୍କଡ ! ତୁମେ ମୂର୍ଖ ଭଳି କଥା କହୁଛ । ଦିନରେ ସିନା ଚନ୍ଦ୍ର ଆଲୋକିତ କରିଥାନ୍ତି । ରାତିରେ ଆକାଶରେ ସୂର୍ଯ୍ୟ ଉଜ୍ଜ୍ୱଳ ଦେଖା ଯାଆନ୍ତି । ତୁମେ ଆମକୁ ମିଥ୍ୟା କହି ସମସ୍ତଙ୍କ ଠାରେ ମିଥ୍ୟା ପ୍ରଚାର କରୁଅଛ । ସମସ୍ତଙ୍କ ଠାରୁ କଥା ଶୁଣିବା ପରେ ବି ମାଙ୍କଡ଼ଟି ନିଜ କଥାରେ ଅଟଳ ରହିଥିଲା । ଏହା ଦେଖି ସମସ୍ତ ପେଚା ରାଗିଗଲେ ଏବଂ ସମସ୍ତେ ମାଙ୍କଡ଼କୁ ମାରିବା ପାଇଁ ତା ଉପରକୁ ଆକ୍ରମଣ କଲେ । ଦିନ ହୋଇଥିବାରୁ ପେଚା ମାନଙ୍କୁ କମ୍ ଦେଖାଯାଉଥିଲା । ସେହି କାରଣରୁ ମାଙ୍କଡ଼ଟି ସେଠାରୁ ଖସି ଆସିବାରେ ସକ୍ଷମ ହୋଇଥିଲା ଏବଂ ନିଜ ଜୀବନକୁ ବଞ୍ଚାଇ ପାରିଥିଲା । ସତରେ, ଲୋକମାନଙ୍କର ସଂଖ୍ୟାଗରିଷ୍ଠତା ବଳରେ ସତ୍ୟକୁ ମିଥ୍ୟା ଏବଂ ମିଥ୍ୟାକୁ ସତ୍ୟ ବୋଲି ସ୍ୱୀକାର କରନ୍ତି । ତେଣୁ ବହୁ ମୂର୍ଖ ପଣ୍ଡିତଙ୍କ କଥାକୁ ସତ ବୋଲି ବିଶ୍ୱାସ କରନ୍ତି ନାହିଁ । ତେଣୁ ବହୁ ତୁଣ୍ଡରେ ଛେଳି କୁକୁର...

*ନୟାଗଡ଼*



# ସମ୍ବିଧାନ ମାନି ଚଳିବା

**ନିରଞ୍ଜନ ସାହୁ**

ଦେଶ ସ୍ୱାଧୀନତା ପାଇଲା ପରେ ତ
ସମ୍ବିଧାନ ହେଲା ଗଢା
ସମ୍ବିଧାନ ମାନି ଚଳିବା ସଭିଏଁ
ବହିରେ ହୋଇଛି ପଢା
ସାଧାରଣତନ୍ତ୍ର, ସାର୍ବଭୌମ ସାଥେ
ସମାଜବାଦକୁ ଚଢା

ଧାରା, ଉପଧାରା, ଅଧିକାର ସାଥେ
କର୍ତ୍ତବ୍ୟ ହୋଇଛି ଲେଖା
ଶାସନ ବ୍ୟବସ୍ଥା ବଣ୍ଟନ ହୋଇଛି
ଟଣା ଅଛି ସୀମାରେଖା
ନାଗରିକମାନେ ସମ୍ବିଧାନ ମାନି
ଦେଶକୁ ଆଗକୁ ବଢ଼ା

କେନ୍ଦ୍ରଶାସିତ ଅଞ୍ଚଳ ରହିଛି
ରହିଛି ଅନେକ ରାଜ୍ୟ
ଅଖଣ୍ଡତା ଆମେ ବଜାୟ ରଖିବା
ଦେଶ ହେବନାହିଁ ଭାଜ୍ୟ
ବଇରୀ ସହିତ ସଂଗ୍ରାମ ଚାଲିବ
ସାମ୍ନାସାମ୍ନି ଯୁଦ୍ଧେ ଲୋଡ଼ା

ବ୍ୟବସ୍ଥାପକର ସହିତେ ରହିଛି
କାର୍ଯ୍ୟପାଳିକାର କଥା
ନ୍ୟାୟପାଳିକାରେ ବିଚାର ବ୍ୟବସ୍ଥା
ଶାସନ ଏପରି ଯଥା

ଉଣେଇଶି ଶହ ପଚାଶ ମସିହା
ଜାନୁୟାରୀ ଛବିଶରେ
ଆମ ସମ୍ବିଧାନ ପ୍ରଣୟନ ହେଲା
ମାନୁଥିବୁ ଭବିଷ୍ୟରେ
ଦେଶ ପ୍ରଗତିରେ ସହାୟକ ହେବୁ
ପରିପନ୍ଥୀ ହେବ କଡ଼ା ।

*ନିହଳ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ - ୭୫୯୦୧୬*
*ମୋ - ୯୯୩୮୭୪୧୫୮୩*

# ଗୁଡ଼ି

**ଜଗଦୀଶ ସାହୁ**

ଗୁଡ଼ିରେ ଗୁଡ଼ି ଉଡ଼ିଉଡ଼ିକା
ଯିବୁ ବହୁତ ଦୂର
ସେଇଠି ଅଛି ଜହ୍ନ ରାଇଜେ
ଭଳିକି ଭଳି ଘର !
ନାଆଁଟି ତାର ସରଗ ପୁର
ଦେଖିବୁ ବୁଲିବୁଲି
ମନରୁ ତୁହି ଆମ କଥାକୁ
ନ ଯିବୁ କେବେ ଭୁଲି !
ଯାହା ଦେଖିବୁ ମନେ ରଖିବୁ
ଆସିବୁ ଯେବେ ଫେରି
ଆମ ଆଗରେ ବଖାଣି ଯିବୁ
ନ କରି ଜମା ଡ଼େରି !
ଜହ୍ନ ମାମୁଁଙ୍କୁ କହିବୁ ବୁଲି
ଆସିବା ପାଇଁ ଥରେ
ଭଣଜା ଆଉ ଭାଣିଜୀ ଯେତେ
ରହିଛୁ ଅପେକ୍ଷାରେ !
ତାରା ମାଉସୀ ଘରକୁ ଯିବୁ
ସିଏ ବହୁତ ଭଲ
ଦେଖିଲେ ତୋତେ ଖୁସି ହୋଇକି
କରିବେ କେତେ ଗେଲ !
ମାଉସୀ ଠାରୁ ମିଠା ଓ ପିଠା
ଆଣିବୁ ଆମ ପାଇଁ
ଗୁଡ଼ିରେ ତୋର ଫେରିବା ବାଟ
ରହିଛୁ ଆମେ ଚାହିଁ !

*ସଂଜପଡା, ହିନ୍ଦୋଳ*
*ଢେଙ୍କାନାଳ- ୭୫୯୧୨୮*
*ମୋ :-୯୦୭୮୧୮୫୬୧୬*



# ନେତାଙ୍କର ନେତା ନେତାଜୀ

**ନୂତନ କୁମାର ବେହେରା**



ନେତାଙ୍କର ନେତା ନେତାଜୀ
ଦେଶ ଲାଗି ଲଢିଥିଲେ ଲଗାଇ ବାଜି,
ତାଙ୍କର ଶକ୍ତି ସାମର୍ଥ୍ୟ ଦେଖି
ଇଂରେଜଙ୍କ ବୁଦ୍ଧି ଯାଇଥିଲା ହଜି

ସୁଭାଷ ବୋଷ ନାମେ ଖ୍ୟାତ
ଓଡ଼ିଶା ମାଟିରେ ହୋଇଥିଲେ ଜାତ,
ସ୍ୱାଧୀନ କରିବାକୁ ଆମ ଭାରତ,
ଚକିତ କରିଥିଲେ ସାରା ଜଗତ

ତାଙ୍କ ତ୍ୟାଗ ଆଦର୍ଶ ଦେଶଭକ୍ତି
ଦେଖି ହିଟଲର କରିଥିଲେ ଚୁକ୍ତି,
ଚାହିଁ ସେ ମାଆ ମାଟିର ମୁକ୍ତି
ବ୍ରିଟିଶ ଆଗେ ଦେଖାଇଥିଲେ ଶକ୍ତି

‘ଦିଲ୍ଲୀ ଚାଲ’ ଡାକରା ଦେଇ
ଭାରତ ସାରା ଦେଇଥିଲେ କମ୍ପେଇ,
‘ଆଜାଦ ହିନ୍ଦ ଫଉଜ’ ଗଢି
ଗୋରାଙ୍କ ସାଥେ କରିଥିଲେ ଲଢେଇ

ଦେଶବାସୀଙ୍କୁ ଆହ୍ୱାନ ଦେଇ
ଶତ୍ରୁ ଆଗେ ଠିଆ ହେଲେ ଛାତି ଦେଖାଇ,
‘ମୋତେ ରକ୍ତ ଦିଅ’ ହେ ଭାଇ
‘ଦେବି ସ୍ୱାଧୀନତା’ କରି ମୁଁ ଲଢେଇ

ନେତାଙ୍କର ନେତା ସୁଭାଷ
ଦେଖାଇ ଥିଲେ ଅସୀମ ସାହସ,
ଛାଡି ନିଜ ସ୍ୱାର୍ଥ ସର୍ବସ୍ୱ
ସଂଗ୍ରାମେ ଦେଇଥିଲେ ଝାସ

କହିଥିଲେ ସେ ‘ମାଆ ପେଟରୁ କେହି
ଆସି ନ ଥାଏ ମହାପୁରୁଷ ହୋଇ,
ନିଜ ଉଦ୍ୟମ ପ୍ରଚେଷ୍ଟା ଦେଖାଇ
ବ୍ୟକ୍ତିତ୍ୱର ବିକାଶରେ ହୁଏ ସେହି’

ନେତାଙ୍କର ନେତା ନେତାଜୀ
ଯଶ ମାନ କୀର୍ତ୍ତି ସୁନାମ ଅରଜି,
ବରପୁତ୍ର ଜନ୍ମି ମାଟି ମାଆ ପୂଜି
ଅମର ହୋଇ ସେ ରହିଛନ୍ତି ଆଜି ।

*କୋହି, ବାରିପଦା, ମୟୂରଭଞ୍ଜ*
*ଦୂରଭାଷ- ୮୦୧୮୩୫୩୩୨୨*



# ପାରୁଛ ଯଦି

**କୀର୍ତ୍ତନ ସାହୁ**

ପାରୁଛ ଯଦି ନିତି ସକାଳେ
ଅଧ ଘଣ୍ଟାଏ ଚାଲ
ଦେଖି କାହିଁକି ଚାଲିବ କାଳେ
ଥିବରେ ଉଚ୍ଚା ଖାଲ

ପାଠ ପଢାଟି ନ ଥିଲା ବେଳେ
ଯତନ ତାର ନିଅ

ପାରୁଛ ଯଦି ସୁଷମ ଖାଦ୍ୟ
ବାଛି ବାଛିକା ଖାଅ
ଦେହଟି ତମ ସୁସ୍ଥ ରଖିକି
କାମରେ ଲାଗି ଯାଅ

ପାରୁଛ ଦୁଃଖୀ ପିଲାଟି
ସାଥୀରେ ମିଶି ଯାଅ
ସାହାଯ୍ୟ ଟିକେ କରିକି ତାକୁ
ଆନନ୍ଦ କେତେ ପାଅ

ପାରୁଛ ଯଦି ପଶୁ ପକ୍ଷୀଙ୍କ
କ୍ଷତି କରିବ ନାହିଁ
ତମେବି ଖୁସି ହୋଇବ ତାଙ୍କ
ଖୁସି ଭାବକୁ ଚାହିଁ

ପାରୁଛ ଯଦି ସାଥୀ ମେଳରେ
ମଧୁର କଥା କୁହ
ଦେଖିପାରିବ ତମ ପାଖରେ
କେହି ଖରାପ ନୁହଁ

ପାରୁଛ ଯଦି ବାପା ମାଆଙ୍କ
ସେବାରେ ଥାଅ ନିତି
ଦେଖିବ ସବୁ ସମୟ ତମ
ଖୁସିରେ ଯିବ ବିତି ।

ପାରୁଛ ଯଦି ବାଡ଼ିରେ ତମ
ଗଛାକୁ ପୋତି ଦିଅ

*ମିଶ୍ର କଲୋନୀ, ଶାଳ ପଡ଼ା , କେନ୍ଦୁଝର*
*ଦୁରଭାଷ - ୯୪୩୮୪୧୪୭୦୧*

# ଗରିବ ବନ୍ଧୁ



**ସନ୍ତୋଷ କୁମାର ଅଦାବର**

ଶାଙ୍ଖପୁର ଗାଁରେ ଦୟା ଓ ସତ୍ୟ ନାମରେ ଦୁଇ ଜଣ ବନ୍ଧୁ ଥିଲେ । ସେ ଦୁହେଁ ଛୋଟ ସମୟରୁ ସମାନ ଶ୍ରେଣୀରେ ପାଠ ପଢ଼ି ଆଜି ଯୁବକ ଅବସ୍ଥାରେ ଅଛନ୍ତି । ଦୟା କଲେଜରେ ଦୁଇ ବର୍ଷ ପଢିବା ପରେ ଆଉ ଆଗକୁ ପଢି ପାରିନଥିଲା । ସେ ମଜୁରିଆ କାମ କରି ଦୁଇ ପଇସା ରୋଜଗାର କରୁଥିଲା କିନ୍ତୁ ସତ୍ୟ ପରିଶ୍ରମ କରି ପାଠ ପଢି ବଡ ଅଫିସରଟିଏ ହେଲା । ସେ ଏକ ବଡ଼ ସହରରେ ରହିଲା, ଯେଉଁଠି ସେ ଚାକିରି କରୁଥିଲା । କିଛିଦିନ ଅନ୍ତରରେ ଗାଁକୁ ସେ ଛୁଟି ହେଲେ ଆସିଥାଏ । ଅଫିସରଟିଏ ହେଲେ ମଧ୍ୟ ସେ ନିଜ ବନ୍ଧୁ ଦୟାକୁ ପୂର୍ବ ଭଳି ସ୍ନେହ ଆଦର କରୁଥିଲା । ମୁଁ ଅଫିସର, ଧନୀ ବୋଲି ଭାବି କେବେ ହେଁ ଦୟା ପ୍ରତି ଅଣଦେଖା ବା ଅହଂଭାବ ଦେଖାଉ ନଥାଏ । ଦୟା ମଧ୍ୟ ସତ୍ୟ ସହ ଖୁସିରେ ମିଶୁଥାଏ ।

କିଛି ଦିନ ପରେ ସେ ଦୁହେଁ ବାହା ହେଲେ । ନିଜ ନିଜ ସ୍ତ୍ରୀ ଓ ପିଲା ଛୁଆ ସହ ରହିଲେ । ସତ୍ୟର ବଦଳି ହୋଇ ନିଜ ଗାଁ ନିକଟ ସହରକୁ ଆସିଥାଏ । ସେ ସହରରେ ଥିବା ବେଳେ ସେଠାରେ ତା’ର ଅନେକ ସହକର୍ମୀ ଏବଂ ଚାକିରିଆ ସାଙ୍ଗଙ୍କ ସହ ପରିଚିତ ହେଲା । ସମସ୍ତଙ୍କ ସହ ମିଶି ଖୁସିରେ ସେ ନିଜ ପରିବାର ଧରି ରହୁଥାଏ । ମଝିରେ ମଝିରେ ତା’ ବନ୍ଧୁ ସତ୍ୟ ସହ ମଧ୍ୟ ସାକ୍ଷାତ ହୁଏ ।

ଦିନେ ଦୟା ଏକ ସରକାରୀ ଆର୍ଥିକ ସହାୟତା କାମରେ ସତ୍ୟ କାମ କରୁଥିବା କାର୍ଯ୍ୟାଳୟରେ ଉପସ୍ଥିତ ହେଲା । ସେ ଜାଣି ନ ଥାଏ ଯେ ତା’ର ବନ୍ଧୁ ସତ୍ୟ ସେହି ଅଫିସରେ ବଡ ଅଫିସର ଅଛି ବୋଲି । ନିଜର କାଗଜପତ୍ର କାମ ସାରି ଦୟା ବଡ ଅଫିସରଙ୍କୁ ଦେଖା କରିବାକୁ ତାଙ୍କ ପ୍ରକୋଷ୍ଠ ଦ୍ୱାରରେ ଛିଡା ହୋଇଥାଏ । କୌଣସି ଏକ ବିଶେଷ କାମରେ ବଡ ଅଫିସର ଜଣକ ଅଛନ୍ତି, ଦେଖା କରିପାରିବନି ବୋଲି କହି ସେଠାକାର ଦାୟିତ୍ୱରେ ଥିବା ପିଅନ ମନା କରିଦେଲା ଦୟାକୁ ତେଣୁ ଦୟା ସେଠାରୁ ଚାଲିଆସିଲା ବାହାରକୁ ।

ଦୟାର କିନ୍ତୁ ସେ ଦିନ ହିଁ ଅର୍ଥର ଆବଶ୍ୟକତା ଥିଲା ତେଣୁ ସେ ମନ ଦୁଃଖରେ ବାହାରେ ଅପେକ୍ଷା କରିଥାଏ । ସେ ଦିନର ଅଫିସ ସମୟ ସରିବାକୁ କମ ସମୟ ଥାଏ । ଆଜି ଆଉ କାମ ହୋଇପାରିବ ନାହିଁ ଭାବି କାନମୁଣ୍ଡ ଆଉଁସି ଦୟା ସେଠାରୁ ଫେରି ଆସୁଥିବା ସମୟରେ ସତ୍ୟ ତା’ର ପ୍ରକୋଷ୍ଠରୁ ଆସୁଥାଏ । ନିଜ ବନ୍ଧୁ ଦୟାକୁ ଚିହ୍ନିପାରି ତା’ ପାଖକୁ ଆସି ସବୁ ବିଷୟ ପଚାରିଲା ଏବଂ ଏବେ ଏକ୍ଷଣି ତା’ର କାମଟି କରିଦେବ ବୋଲି କଥା ଦେଲା । ବନ୍ଧୁକୁ ନିଜ ସାଙ୍ଗରେ ତା’ ଅଫିସ ପ୍ରକୋଷ୍ଠକୁ ନେଇଗଲା । ସତ୍ୟ ସେଠାରେ ତା’ର ସବୁ କାମ କମ୍ ସମୟରେ ସାରି ଦେଲା । ଦୟା ମୁହଁରେ ହସ ଖେଳିଗଲା । ସତ୍ୟ ନିଜ ଘରକୁ ଦୟାକୁ ଡାକି ନେଇ ଆଜି ଆମ ଘରେ ଅତିଥି ରୁହ ବୋଲି କହିଲା କିନ୍ତୁ ଉଦାରମନା ଦୟା ମୁରୁକି ହସି କହିଲା- ‘ବନ୍ଧୁ, ତୁ ମୋର ଅସୁବିଧା ସମୟରେ ଏ ଯେଉଁ ସାହାଯ୍ୟ କଲୁ; ଏଥିରେ ମୁଁ ବହୁତ ଖୁସି । ଆଜି ପାଇଥିବା ଏଇ ଅର୍ଥକୁ ମୁଁ ଶୀଘ୍ର ମୋର ବିଭିନ୍ନ କାର୍ଯ୍ୟରେ ଉପଯୋଗ କରିବାକୁ ହେବ’ ଖୁସିରେ ସତ୍ୟ କହିଲା- ଠିକ୍ ଅଛି ଆଉ ଦିନେ ତୋର ସପରିବାର ଆମ ଘରକୁ ବୁଲି ଆସିବ । ଜଣେ ବନ୍ଧୁକୁ ଆଉ ଜଣେ ବନ୍ଧୁ ଏମିତି ଅସୁବିଧା ସମୟରେ ସାହାଯ୍ୟ କରିବା ମହତ କାମ । ଯଦି ଏଇ ସରକାରୀ ସହାୟତା ଅର୍ଥରେ ତୋର କାମ ସମ୍ପାଦନ ନ ହୁଏ, ତେବେ ମୁଁ ତୋତେ ଆହୁରି କିଛି ଆର୍ଥିକ ସାହାଯ୍ୟ ମଧ୍ୟ କରିବି । ନିଃସଙ୍କୋଚରେ କହିବୁ ଆଉ ଗୋଟିଏ ମୁଖ୍ୟ କଥା ମୋର ଅନେକ ଧନୀ ସହକର୍ମୀ ବନ୍ଧୁ ଅଛନ୍ତି କିନ୍ତୁ ତୋ ଠାରୁ ମୁଁ ବନ୍ଧୁ ଭାବରେ ଯେଉଁ ସ୍ନେହ, ଭଲପାଇବା, ଆନ୍ତରିକତା ପିଲାଟି ଦିନରୁ ପାଇଆସୁଅଛି, ତାହା ମୁଁ ଆଉ କେଉଁଠାରୁ ପାଉନାହିଁ’ । ଦୟାକୁ ନିଜ ବନ୍ଧୁର ହୃଦୟର ଭାଷାକୁ ଚିହ୍ନିବାରେ ବିଳମ୍ବ ହେଲା ନାହିଁ । ଦୁହେଁ ମୁହଁକୁ ମୁହଁ ଦେଖାଦେଖି ହୋଇ ଖୁସିରେ ହସି ଉଠିଲେ ।

ବାସ୍ତବରେ ଜଣେ ଗରିବ ବନ୍ଧୁ ପାଖରୁ ସର୍ବଦା ସ୍ନେହ, ଆନ୍ତରିକତା ଓ ସମ୍ମାନ ମିଳିଥାଏ । ତେଣୁ ଗରିବ ଭାବିକି ନିଜ ବନ୍ଧୁକୁ କେବେ ଅବହେଳା ଏବଂ ଅଣଦେଖା ନ କରି ସମ୍ମାନର ସହ ବନ୍ଧୁତା ବଜାୟ ରଖିବା ଉଚିତ୍ ।

*ବୀରମହାରାଜପୁର, ସୁବର୍ଣ୍ଣପୁର*
*ମୋ- ୯୭୭୭୯୧୦୭୨୮*



# ଏଇ ଆମ ପରିଚୟ

**ନୀଳମଣି ଚାନ୍ଦ**

ଧର୍ମ, ଭାଷା, ନାମ, ଚଳଣି ଆଉ ଯେ
ଖାଦ୍ୟରେ ଭିନ୍ନତା ଥାଏ
କା ସାଥେ କାହାର ପୋଷାକ ମିଶେନି
ଦେଖି ଜାଣି ହୋଇଯାଏ

ଆମ ନାଚଗୀତ, ପ୍ରଥା, ପରବଟି
ଅନ୍ୟଠୁଁ ହୁଅଇ ବାରି
ଭିନ୍ନ ଧର୍ମଗ୍ରନ୍ଥ ଆମ ପୂଜାସ୍ଥଳୀ
କେ ମାଂସାଶୀ, ଶାକାହାରୀ

ରଙ୍ଗ, ଚେହେରାକୁ ଦେଖି ଆମେ କହୁ
ଅଲଗା ବୋଲିରେ ସିନା
କେ ଥଣ୍ଡା ଲାଦାଖ କେ ଉଷ୍ମ ମରୁର
ବାସିନ୍ଦା ଭାବରେ ଚିହ୍ନା

ହେଲେ ତ ସଭିଏ ଜନ- ଗଣ ଗାଉ
ତ୍ରିରଙ୍ଗା ଆମର କହୁ
ବନ୍ଦେ ମାତରମ ସ୍ଲୋଗାନ ଶୁଣିଲେ
ଆମେ ଯେ ଉଦବୁଦ୍ଧ ହେଉ

ଭେଦଭାବ ଭୁଲି ଆସରେ ଗାଇବା
ଜୟ ଭାରତର ଜୟ
ଧରିତ୍ରୀ ମାଆର ସନ୍ତାନ ଆମେ
ଏଇ ଆମ ପରିଚୟ ।

*ଭୁବନେଶ୍ୱର*
*ମୋ:୯୫୮୩୨୦୨୩୫୭*

# ଅଭିଶପ୍ତ ଶୈଶବ

**ସୁରମା ମିଶ୍ର**



ଦେ’ଖେଲୋ ମାଆ ଛୋଟ ପିଲାଟିଏ
ମୁଣ୍ଡେ ଇଟା ବୋଝ ବୋହି
ଥିରି ଥିରି ପାଦ ପକାଇ ଚାଲୁଛି
ଆଖି ଲୁହ ଓଠେ ପିଇ

ଭୋକରେ ତା ପେଟ ଲାଖି ଯାଇଛି ଲୋ
ଚିରା ଜାମାଟେ ପିନ୍ଧିଛି

ଦେଖିଦେଲେ ତାକୁ ମନଟା ମୋହର
ଦୁଃଖରେ ଭାଙ୍ଗି ପଡୁଛି

ଦେହୁ ବୋହିଯାଏ ଗମ ଗମ ଝାଳ
ଶୋଷରେ ତଣ୍ଟି ଶୁଖଇ
ପାଣି ଟୋପେ ମାଗେ ବିକଳ ହୋଇ ସେ
କେହି ତ ଶୁଣନ୍ତି ନାହିଁ

ବାପା ତାର ଗଲେ ଦାଦନ ଖଟି ଲୋ
ଫେରି ଥିଲେ ଶବ ହୋଇ
ସେହି ଦିନୁ ମାଆ ଶେଯରେ ପଡ଼ିଛି
ଆଉ ଉଠି ପାରୁ ନାହିଁ

ଘରେ ପଡ଼ିଅଛି ରୋଗିଣା ମାଆଟି
କତରାଲଗା ସେ ହୋଇ
ସେଥିପାଇଁ ସିଏ ମୂଲ ଲାଗୁଅଛି
ଶୈଶବକୁ ବଳି ଦେଇ

ପାଠରେ ତା ଡୋରି ବାନ୍ଧି ଦେଇ ସିଏ
ମାଆର ସେବା କରଇ
ସଭିଏଁ କହନ୍ତି ଏମିତି ପିଲାଟେ
ଭାଗ୍ୟରେ ଥିଲେ ମିଳଇ

ସରକାର ପରା ଗରିବଙ୍କ ପାଇଁ
କରନ୍ତି କେତେ ଯୋଜନା
କାହିଁକି ଲୋ ମାଆ ଏ ଛୋଟ ପିଲାଟି
ଭୋଗୁଛି ଏତେ ଯାତନା

କହ କହ ମାଆ କହଲୋ କହ ତୁ
କି ସାହାଯ୍ୟ ତାକୁ କରି
ପୋଛି ଦେଇ ତାର ଆଖିର ଲୁହକୁ
ଓଠେ ହସ ଦେବି ଭରି

ହସି ଖେଳି ଯେବେ କାଟୁ ଥାନ୍ତା ଦିନ
ବୋହୁଛି ସଂସାର ଭାର
ଅଭିଶପ୍ତ ହୋଇ ଶୈଶବଟିଲୋ ମାଆ
ହୋଇ ଗଲା ଛାର ଖାର ।

*ବି ଏଲ ୩୯, ଭି ଏସ ଏସ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଲଗାତାର ତୃତୀୟ ଥର ଏସିସିର ଅଧ୍ୟକ୍ଷ ହେଲେ ଜୟ ଶାହ



**ନୂଆଦିଲ୍ଲୀ**

ଏସୀୟ କ୍ରିକେଟ ପରିଷଦର ବାର୍ଷିକ ବୈଠକରେ ବଡ଼ ନିଷ୍ପତ୍ତି ନିଆଯାଇଛି। ବିସିସିଆଇ ସଚିବ ଜୟ ଶାହ ପୁଣି ଥରେ ଏସୀୟ କ୍ରିକେଟ ପରିଷଦ(ଏସିସି)ର ଅଧ୍ୟକ୍ଷ ହୋଇଛନ୍ତି। ଏହାକୁ ମିଶାଇ ଶାହ ଲଗାତାର ତୃତୀୟ ଥର ଏସିସିର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ବୁଧବାର ବସିଥିବା ଏସିସିର ବାର୍ଷିକ ସାଧାରଣ ବୈଠକରେ ଏହା ଉପରେ ମୋହର ବାଜିଛି। ଜୟ ଶାହଙ୍କ କାର୍ଯ୍ୟକାଳ ବଢାଇବା ପ୍ରସ୍ତାବ ଶ୍ରୀଲଙ୍କା କ୍ରିକେଟ୍‌ର ଅଧ୍ୟକ୍ଷ ଶାମ୍ମି ସିଲ୍‌ଭା ରଖିଥିଲେ। ଏହା ପୂର୍ବରୁ ମଧ୍ୟ ଶାମ୍ମି ଜୟ ଶାହଙ୍କ ନାମକୁ ଏସିସି ଅଧ୍ୟକ୍ଷ ଭାବେ ଆଗରେ ରଖିଥିଲେ। ଏହା ପରେ ସମସ୍ତ ସଦସ୍ୟଙ୍କ ସର୍ବସମ୍ମତିକ୍ରମେ ଜୟ ଶାହଙ୍କ ନାଁ ଉପରେ ମୋହର ବାଜିଛି। ଜୟ ଶାହ ପ୍ରଥମ ଥର ୨୦୨୧ ଜାନୁଆରୀରେ ଏସିସିର ଅଧ୍ୟକ୍ଷ ଭାବେ କାର୍ଯ୍ୟଭାର ସମ୍ଭାଳିଥିଲେ। ତାଙ୍କ ପୂର୍ବରୁ ବାଂଲାଦେଶ କ୍ରିକେଟ ବୋର୍ଡର ଅଧ୍ୟକ୍ଷ ନଜମୁଲ ହସନ ଏହି ଦାୟିତ୍ୱରେ ଥିଲେ।

ଉଲ୍ଲେଖନୀୟ, ସଂପ୍ରତି ଇଣ୍ଡୋନେସିଆର ବାଲିରେ ଏସିସିର ସାଧାରଣ ବାର୍ଷିକ ବୈଠକ ଆୟୋଜିତ ହେଉଛି। ବୈଠକରେ ସମସ୍ତ ସଦସ୍ୟ ଯୋଗ ଦେଇଛନ୍ତି। ବୈଠକରେ ଏସିସି ଅଧ୍ୟକ୍ଷ ପଦ ବ୍ୟତୀତ ମିଡିଆ ରାଇଟ୍ସ ଉପରେ ମଧ୍ୟ ଆଲୋଚନା ହେଉଛି। ସୂଚନାଯୋଗ୍ୟ, ଏସିଆ କପ ୨୦୨୫ ଦିନିକିଆ ପରିବର୍ତ୍ତେ ଟି-୨୦ ଫର୍ମାଟ୍‌ରେ ଖେଳାଯିବ। ୨୦୨୪ ଏସିଆ କପ୍ ଦିନିକିଆ ଫର୍ମାଟ୍‌ରେ ଖେଳା ଯାଇଥିଲା। ଏହାର ଆୟୋଜନ ଶ୍ରୀଲଙ୍କାରେ ହୋଇଥିଲା। ତେବେ ୨୦୨୫ ଏସିଆ କପ୍ ଓମାନ ଏବଂ ୟୁଏଇରେ ଖେଳା ଯାଇଥିଲା।

# ଆଇସିସି ମାନ୍ୟତା : ଶୀର୍ଷରେ ଅଶ୍ୱିନଙ୍କ ସ୍ଥାନ ମଜବୁତ, ଟପ୍-୧୦ରେ ବୁମ୍‌ରା ଓ କୋହଲି

**ନୂଆଦିଲ୍ଲୀ**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ବୁଧବାର ସଦ୍ୟତମ ଟେଷ୍ଟ ମାନ୍ୟତା ଜାରି କରିଛି। ହାଇଦ୍ରାବାଦ ଟେଷ୍ଟରେ ଭ୍ରମଣକାରୀ ଦଳ ଇଂଲଣ୍ଡ ଘରୋଇ ଭାରତକୁ ୨୮ ରନରେ ପରାସ୍ତ କରି ସିରିଜ୍‌ରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଏହି ଟେଷ୍ଟରେ ଅଶ୍ୱିନ ୬ଟି ଓ୍ୱିକେଟ ଅକ୍ତିଆର କରିଥିଲେ। ଏହି ଦମ୍‌ଦାର ପ୍ରଦର୍ଶନର ପୁରସ୍କାର ଅଶ୍ୱିନଙ୍କୁ ମିଳିଛି। ଆଇସିସି ଟେଷ୍ଟ ବୋଲିଂ ମାନ୍ୟତାରେ ଅଶ୍ୱିନ ନିଜର ଶୀର୍ଷ ମାନ୍ୟତା କାଏମ ରଖିଛନ୍ତି। ଦଳର ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଗୋଟିଏ ସ୍ଥାନ ଉନ୍ନତି ଘଟାଇ ଚତୁର୍ଥରେ ପହଞ୍ଚିଛନ୍ତି। ଏହା ବ୍ୟତୀତ ବିରାଟ କୋହଲି ବ୍ୟାଟିଂ ମାନ୍ୟତାରେ ଟପ୍-୧୦ରେ ଏକମାତ୍ର ଭାରତୀୟ ବ୍ୟାଟର ଭାବେ ରହିଛନ୍ତି।




ରବିଚନ୍ଦ୍ରନ ଅଶ୍ୱିନ ଓ ଯଶ୍‌ପ୍ରୀତ ବୁମ୍‌ରାଙ୍କ ବ୍ୟତୀତ ଟପ୍-୧୦ରେ ରବୀନ୍ଦ୍ର ଜାଡ଼େଜା ରହିଛନ୍ତି। ଜାଡ଼େଜା ୧୦ମ ସ୍ଥାନରେ ରହିଛନ୍ତି। ଅଲରାଉଣ୍ଡର ମାନ୍ୟତାରେ ପ୍ରଥମ ସ୍ଥାନରେ ରବୀନ୍ଦ୍ର ଜାଡ଼େଜା, ଦ୍ୱିତୀୟରେ ଆର ଅଶ୍ୱିନ ଓ ତୃତୀୟ ସ୍ଥାନରେ ସାକିବ ଅଲ ହସନ ରହିଛନ୍ତି। ଚତୁର୍ଥରେ ଇଂଲଣ୍ଡର ଜୋ ରୁଟ୍ ରହିଛନ୍ତି। ହାଇଦ୍ରାବାଦ ଟେଷ୍ଟରେ ରୁଟ୍ ୫ଟି ଓ୍ୱିକେଟ ନେଇଥିଲେ। ସେହିପରି ଭାରତୀୟ ଅଲରାଉଣ୍ଡର ଅକ୍ଷର ପଟେଲ ଷଷ୍ଠ ସ୍ଥାନରେ ରହିଛନ୍ତି।

ଆଇସିସି ବ୍ୟାଟିଂ ମାନ୍ୟତାରେ ଟପ୍-୧୦ରେ ବିରାଟ କୋହଲି ଏକ ମାତ୍ର ଭାରତୀୟ ବ୍ୟାଟର ରହିଛନ୍ତି। ବିରାଟ କୋହଲି ତାଲିକାରେ ଷଷ୍ଠ ସ୍ଥାନରେ ରହିଛନ୍ତି। ହାଇଦ୍ରାବାଦ ଟେଷ୍ଟରେ ଇଂଲଣ୍ଡ ବିଜୟର ହିରୋ ସାଜିଥିବା ଓଲି ପପ୍ ୨୦ଟି ସ୍ଥାନ ଉନ୍ନତି ଘଟାଇ ୧୫ତମ ସ୍ଥାନରେ ପହଞ୍ଚିଛନ୍ତି। ଇଂଲଣ୍ଡର ବ୍ୟାଟର ବେନ ଡକେଟ ମଧ୍ୟ ୫ଟି ସ୍ଥାନ ଉପରକୁ ଉଠି ୨୨ମ ସ୍ଥାନରେ ପହଞ୍ଚିଛନ୍ତି।

# ଶିବନ, ମଙ୍ଗଳ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭିଏସଏସନଗର 'ମା ଗୋଜବାୟାଣୀ କ୍ରିକେଟ୍ କ୍ଲବ' ତରଫରୁ ତିନିଦିନ ବ୍ୟାପୀ ଚାଲିଥିବା ଶିବନ, ମଙ୍ଗଳ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱର ଉତ୍ତରର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍ଘାଟନ କରିଥିଲେ। ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ତଥା କୋଠାବାଡ଼ି ଓ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଭୁବନେଶ୍ୱର ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ମୋ ପରିବାର ସଂଯୋଜକ ଡଃ ପ୍ରକାଶ ତ୍ରିପାଠୀ, ଓ୍ୱାର୍ଡ ନମ୍ବର -୧୧ କର୍ପୋରେଟର ପ୍ରଭାସିନି ମହାନ୍ତି, ଓ୍ୱାର୍ଡ ନମ୍ବର-୧୦ କର୍ପୋରେଟର ଏସ୍.କେ. ନୁର ହାସନ୍, ରାଜ୍ୟ ଛାତ୍ର ବିଜେଡି ଯୁଗ୍ମ ସମ୍ପାଦକ ସୌମ୍ୟ ରଂଜନ ପ୍ରଧାନ, ବରିଷ୍ଠ ନାଗରିକ ଶିବ ପ୍ରସାଦ ମିଶ୍ର, ବରିଷ୍ଠ ଆଡ଼ଭୋକେଟ୍ ଅନୁପମ ମହାନ୍ତି, ଯୁବ ନେତା ବିଭୁଦତ୍ତ ରଥ ଅତିଥି ଭାବରେ ଯୋଗଦେଇଥିଲେ। ଫାଇନାଲ ମ୍ୟାଚ୍‌ରେ ବିଜୟୀ ବାଣୀବିହାର ଲାଇଫଲାଇନ ଟିମ୍‌କୁ ୨୦,୦୦୦ ଟଙ୍କା ପୁରସ୍କାର ରାଶି ସହିତ ବିଜୟୀ କପ୍ ଓ ନୀଳାଦ୍ରି ବିହାର ଟିମ୍‌କୁ ୧୪,୦୦୦ ଟଙ୍କା ସହିତ ରନର୍ସଅପ୍ କପ୍ ପ୍ରଦାନ କରିଥିଲେ। ସବୁ ମ୍ୟାଚ୍‌ଗୁଡିକୁ କାର୍ତ୍ତିକେଶ୍ୱର ମହାପାତ୍ର, ପ୍ରୀତିରଞ୍ଜନ ପାଲ, ଦିଲ୍ଲୀପ ସାହୁ, କ୍ଲବ୍‌ର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ। ଏହି ତିନିଦିନିଆ ମ୍ୟାଚରେ ବିଭିନ୍ନ ଅଞ୍ଚଳରୁ ୧୬ ଗୋଟି ଟିମ୍ ଯୋଗ ଦେଇଥିଲେ।

# ମନୋଜ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ : କୁମାରପୁର ଚାମ୍ପିଅନ

**ଗୁରୁଡିଝାଟିଆ**

କଖଡି ଗାନ୍ଧିହାଟ ପଡ଼ିଆ ଠାରେ ବାବା ବୋ'ଶ୍ୱର ସେବା ସଂଗଠନ ଆନୁକୂଲ୍ୟରେ ଆୟୋଜିତ ପଞ୍ଚାୟତ ସ୍ତରୀୟ ମନୋଜ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗଜାମ୍ବକୁ ପରାସ୍ତ କରି କୁମାରପୁର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି।

୧୨ ଓଭର ବିଶିଷ୍ଟ ଖେଳରେ କୁମାରପୁର କ୍ରିକେଟ ଦଳ ୧୨୧ରନ କରିଥିଲେ। ଏହାର ଜବାବରେ ଗଜାମ୍ବ କ୍ରିକେଟ ଦଳ ସମସ୍ତ ଉଇକେଟ ହରାଇ ୧୧୪ ରନ କରିବାକୁ ସକ୍ଷମ ହୋଇଥିଲା। ବିଧାୟକ ତଥା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପୁତ୍ର ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଜେତା ଦଳକୁ ଚାମ୍ପିଅନ ଟ୍ରଫି ସହ ଅର୍ଥ ପ୍ରଦାନ କରିଥିବା ବେଳେ ଉପବିଜେତାଙ୍କୁ ଟ୍ରଫି ଓ ଅର୍ଥ ପ୍ରଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ ସରପଞ୍ଚ କଞ୍ଚନା ଛତାର, ଜିଲ୍ଲାପରିଷଦ ସଦସ୍ୟ ବଳଭଦ୍ର ବାଘ, ବିଜେଡି ଜିଲ୍ଲା ସଂପାଦକ ନରେନ୍ଦ୍ର ସାହୁ, ସମିତିସଭ୍ୟ ପ୍ରଦୀପ ମହାନ୍ତି, ମଙ୍ଗେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଶୋକ ଖଟୁଆ, ପୂର୍ବତନ ସମିତିସଭ୍ୟ ତଅପୋଇ ବେଦାନ୍ତ, ପଞ୍ଚାୟତ ଦଳୀୟ ସଭାପତି ରଞ୍ଜନ ମୁଦୁଲି, ଧୁରୁଷିଆ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମଙ୍ଗୁଳି ଚରଣ ପାଣି ଓ ଗ୍ରାମ୍ୟ କମିଟି ସଭାପତି ଦିଲ୍ଲିପ କୁମାର ଛତାର ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ ମୁଦୁଲି, ବିକାଶ ଚନ୍ଦ୍ର ମୁଦୁଲି, ତପନ କୁମାର ମୁଦୁଲି, ଦିପକ ସ୍ୱାଇଁ, ବିକ୍ରମ ଛତାର, ଶ୍ରବଣ କୁମାର ସାହୁ, କୃପାସିନ୍ଧୁ ମହାନ୍ତି, ପ୍ରକାଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



# ଅସ୍ତିଆ ପ୍ରିମିୟର ଲିଗ୍ : ଗୌତମ ଫାଇଟର୍ସ ଚାମ୍ପିଅନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଅସ୍ତିଆ ଠାରେ ଅନୁଷ୍ଠିତ ଅସ୍ତିଆ ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ୍‌ରେ ଗୌତମ ଫାଇଟର୍ସ ଟପା ଟୋପ ୧୧କୁ ୩୪ ରନରେ ପରାସ୍ତ କରି ଏ ବର୍ଷର ଚାମ୍ପିଅନ ହୋଇଛି। ଗୌତମ ଫାଇଟର୍ସ ପ୍ରଥମେ ବ୍ୟାଟିଂ କରି ୯୬ ରନ ସଂଗ୍ରହ କରିଥିଲେ। ଉତ୍ତରରେ ଟପା ଟୋପ ୧୧ ମାତ୍ର ୬୨ ରନ ସଂଗ୍ରହ କରିପାରିଥିଲା। ରୂପ ନାରାୟଣ ସେଠୀ ଓ ଉତ୍ତମ ମହାକୁଡ଼ ଖେଳ ପରିଚାଳନା କରିଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ପରମେଶ୍ୱର ବେହେରା ମ୍ୟାନ ଅଫ ଦି ମ୍ୟାଚ ଓ ମନୋଜ ଗିରି ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ଚାମ୍ପିଅନ ଦଳକୁ ୧ ଲକ୍ଷ ୧୦ ହଜାର ଏବଂ ଟ୍ରଫି ଓ ରନର୍ସଅପ ଦଳକୁ ୯୦ ହଜାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଅତିଥି ଭାବେ ଯୋଗ ଦେଇ ନଗରପାଳ କୃଷ୍ଣନନ୍ଦ ମହାନ୍ତି ଓ ସମାଜସେବୀ ଅମର କୁମାର ସେଠୀ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ମହତବ ଅଲ୍ଲୀ, ଅମରଜିତ ସେଠୀ, ସେକ ଅନିଶ, ଆକାଶ ବେହେରା, ଅମିତ ସାହା, ଖୋକନ ଦାସ, ଟୁଟୁନ ଦାସ, ମାସନ ଦଳେଇ, ପ୍ରଣବ ସେଠୀ, ସମ୍ବିତ ଦାସ, ଲେଲୁ, ଦିପୁ, ସିପୁ ପ୍ରମୁଖ ଉପସ୍ଥିତ ଥିଲେ।



## ଭାରତୀୟ କ୍ରିକେଟରଙ୍କ ସହ ସାଂଘାତିକ ଷଡ଼ଯନ୍ତ୍ର !

# ପାଣିରେ ଥିଲା ବିଷାକ୍ତ ପଦାର୍ଥ : ଥାନାରେ ମାମଲା

**ମୁମ୍ବାଇ**

କ୍ରିକେଟ ଜଗତକୁ ନେଇ ସାଂଘାତିକ ଷଡଯନ୍ତ୍ର। ସାମ୍ନାକୁ ଆସିଛି ଆଶ୍ଚର୍ଯ୍ୟଜନକ ଖବର । ଅନେକ ଗଣମାଧ୍ୟମ ରିପୋର୍ଟରେ ଦାବି କରାଯାଇଛି ଯେ ଭାରତୀୟ କ୍ରିକେଟର ମୟଙ୍କ ଅଗ୍ରାଲଙ୍କ ବିରୋଧରେ ଏକ ଗଭୀର ଷଡଯନ୍ତ୍ର ହୋଇଥିବା ସାମ୍ନାକୁ ଆସିଛି, ଯାହା ତାଙ୍କ ଜୀବନକୁ ବିପଦରେ ପକାଇପାରେ ବୋଲି କୁହାଯାଉଛି। ଏ ବାବଦରେ ପୋଲିସ ନିକଟରେ ବି ଅଭିଯୋଗ ଆସିଛି। ମଙ୍ଗଳବାର ଦିନ କର୍ଣ୍ଣାଟକର ଅଧିନାୟକ ତଥା ଓପନିଂ ବ୍ୟାଟ୍ସମ୍ୟାନ ମାୟାନକ ଅଗ୍ରୱାଲ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିଲେ। ତେବେ ଏହି ସମୟରେ ସେ ବିମାନରେ ଅସୁସ୍ଥ ହୋଇପଡିଥିଲେ। ଫଳରେ ତାଙ୍କୁ ଅଗରତାଲାର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣା ଜଣାପଡିବା ପରେ କ୍ରିକେଟ ଜଗତକୁ ଲାଗିଛି ଶକ୍ତ ଧକ୍କା। କିଛି ଷଡ଼ଯନ୍ତ୍ର ଅଭିଯୋଗରେ ମୟଙ୍କ ଅଗ୍ରୱାଲ ପୋଲିସ ନିକଟରେ ଏକ ଅଭିଯୋଗ ବି କରିଛନ୍ତି। ଖବର ଅନୁଯାୟୀ, ଇଣ୍ଡିଗୋ ବିମାନ ଉଡ଼ାଣରେ ତାଙ୍କ ଆସନରେ ରଖାଯାଇଥିବା ପାଣି ପାଇଁ ଭୁଲ କରି ମୟଙ୍କ ଏକ ଗୋଟିଏ ବ୍ୟାଗ୍‌ରୁ ପାଣି ପିଇଥିଲେ। ଆଉ ଏହାକୁ ପିଇବା ପରେ ସେ ଅସୁସ୍ଥ ହୋଇପଡିଥିଲେ। ତାଙ୍କ ଗଳାରେ ଜଳପୋଡ଼ା ଅନୁଭବ ହୋଇଥିଲା। ସେ ବାନ୍ତି ମଧ୍ୟ କରିଥିଲେ। ତେବେ କୁହାଯାଉଛି ଯେ ତାଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ଅଛି ଏବଂ ସେ ବିପଦ ମୁକ୍ତ ଅଛନ୍ତି। ମୟଙ୍କ ତାଙ୍କ ମ୍ୟାନେଜରଙ୍କ ମାଧ୍ୟମରେ ପୋଲିସ ନିକଟରେ ଏକ ଆନୁଷ୍ଠାନିକ ଭାବେ ଅଭିଯୋଗ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ସଚିବ କିରଣ ଗିଟେ କହିଛନ୍ତି, ପୋଲିସ ସେମାନଙ୍କ ଅଭିଯୋଗ ପଞ୍ଜିକରଣ ହୋଇଛି। ଆମେ ଏହାର ଅନୁସନ୍ଧାନ କରିବୁ।

# ମୋବାଇଲ୍ ଫୋନ୍ ଉତ୍ପାଦନରେ ବ୍ୟବହାର ଯୁକ୍ତ ସାମଗ୍ରୀ ପାଇଁ ପ୍ରଯୁଜ୍ୟ କଷ୍ଟମ୍ସ ଡ୍ୟୁଟି ୧୫%ରୁ ୧୦%କୁ ହ୍ରାସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମୋବାଇଲ୍ ଫୋନ୍ ଉତ୍ପାଦନରେ ବ୍ୟବହୃତ ଅନେକ ସାମଗ୍ରୀ ଯାହା ପୂର୍ବରୁ 'ଅନ୍ୟାନ ଦ୍ରବ୍ୟ' ଭାବରେ ବିବେଚନା କରାଯାଇ ୧୫% କଷ୍ଟମ୍ସ ଡ୍ୟୁଟି ଲାଗୁ କରାଯାଇଥିଲା ବର୍ତ୍ତମାନ ଏହା ୧୦% ଲାଗୁ କରାଯିବ । ଏହି ବିଜ୍ଞପ୍ତିରେ ତାଲିକାଭୁକ୍ତ ସାମଗ୍ରୀର ଉତ୍ପାଦନରେ ବ୍ୟବହାର ପାଇଁ ଯନ୍ତ୍ରାଂଶ କିମ୍ବା ଅଂଶ ଉପରେ କଷ୍ଟମ୍ସ ଡ୍ୟୁଟି ଶୂନ ହ୍ରାସ କରାଯାଇଛି। କଷ୍ଟମ୍ ଡ୍ୟୁଟିରେ କେନ୍ଦ୍ର ସରକାର ୩ଟି ବର୍ଗରେ ବିଜ୍ଞପ୍ତି ମାଧ୍ୟମରେ ପରିବର୍ତ୍ତନ ଆଣିଛନ୍ତି। ଅବଶିଷ୍ଟ ବର୍ଗରେ/ମୋବାଇଲ୍ ଫୋନ୍ ଉତ୍ପାଦନରେ ବ୍ୟବହାର ପାଇଁ ସାମଗ୍ରୀ ପାଇଁ ପ୍ରଯୁଜ୍ୟ କଷ୍ଟମ୍ସ ଡ୍ୟୁଟି ୧୫% ରୁ ୧୦% କୁ ହ୍ରାସ କରାଯାଇଛି। ମୋବାଇଲ୍ ଫୋନ୍ ଉତ୍ପାଦନରେ ବ୍ୟବହୃତ ଅନେକ ସାମଗ୍ରୀ ଯାହା ପୂର୍ବରୁ 'ଅନ୍ୟାନ ସାମଗ୍ରୀ' ଭାବରେ ବିବେଚନା କରାଯାଉଥିଲା ଏବଂ ୧୫% କଷ୍ଟମ୍ସ ଡ୍ୟୁଟି ଲାଗୁ କରାଯାଉଥିଲା ବର୍ତ୍ତମାନ ଏହା ୧୦%ରେ ଲାଗୁ କରାଯିବ। ଉଦାହରଣଗୁଡିକ: ବ୍ୟାଟେରୀ କଭର, ଫ୍ରଣ୍ଟ କଭର, ମିଡିଲ୍ କଭର, ମୁଖ୍ୟ (ମେନ୍) ଲେନ୍ସ, ବ୍ୟାକ୍ କଭର, ଜିଏସଏମ୍ ଆଣ୍ଟେନା, ପିୟୁ କେସ୍, ସିଲ୍ ଗ୍ୟାସ୍କେଟ୍, ସିମ୍ ସକେଟ୍, ସ୍କ୍ରୁ ଏବଂ , ପ୍ଲାଷ୍ଟିକ୍ ଓ ଧାତୁର ଅନ୍ୟାନ୍ୟ ଯାନ୍ତ୍ରିକ ସାମଗ୍ରୀ ।

କରାଯାଇଥିବା ପରିବର୍ତ୍ତନ ଗୁଡିକ- ଏହି ବିଜ୍ଞପ୍ତିଗୁଡିକ ଦ୍ୱାରା ପ୍ରବର୍ତ୍ତିତ ପରିବର୍ତ୍ତନଗୁଡିକ ୩ଟି ବର୍ଗରେ ଅନ୍ତର୍ଭୁକ୍ତ : ଅବଶିଷ୍ଟ ବର୍ଗ / ମୋବାଇଲ୍ ଫୋନ୍ ଉତ୍ପାଦନରେ ବ୍ୟବହାର ପାଇଁ ସାମଗ୍ରୀ ପାଇଁ ପ୍ରଯୁଜ୍ୟ କଷ୍ଟମ୍ସ ଡ୍ୟୁଟି ୧୫% ରୁ ୧୦% କୁ ହ୍ରାସ କରାଯାଇଛି ।

ମୋବାଇଲ୍ ଫୋନ୍ ଉତ୍ପାଦନରେ ବ୍ୟବହୃତ ଅନେକ ସାମଗ୍ରୀ ଯାହା ପୂର୍ବରୁ 'ଅନ୍ୟାନ ସାମଗ୍ରୀ' ଭାବରେ ବିବେଚନା କରାଯାଉଥିଲା ଏବଂ ଏଥିପାଇଁ ୧୫% କଷ୍ଟମ୍ସ ଡ୍ୟୁଟି ଲାଗୁ କରାଯାଉଥିଲା ବର୍ତ୍ତମାନ ଏହା ୧୦% ଲାଗୁ କରାଯିବ ।



ଉଦାହରଣଗୁଡିକ: ବ୍ୟାଟେରୀ କଭର । ଫ୍ରଣ୍ଟ (ଆଗ) କଭର । ମିଡିଲ (ମଧ୍ୟମ) କଭର । ମେନ (ମୁଖ୍ୟ) ଲେନ୍ସ। ବ୍ୟାକ (ପଛ) କଭର। ଜିଏସଏମ ଏଝଗ ଆଣ୍ଟେନା । ପିୟୁ ଚଟ କେସ୍ । ସିଲିଂ ଗ୍ୟାସ୍କେଟ୍ । ସିମ୍ ସକେଟ୍। ସ୍କ୍ରୁ (ପେଚ) । ପ୍ଲାଷ୍ଟିକ୍ ଏବଂ ଧାତୁର ଅନ୍ୟାନ୍ୟ ଯାନ୍ତ୍ରିକ ସାମଗ୍ରୀ।

ଏହି ବିଜ୍ଞପ୍ତିରେ ତାଲିକାଭୁକ୍ତ ସାମଗ୍ରୀର ଉତ୍ପାଦନରେ ବ୍ୟବହାର ପାଇଁ ଇନପୁଟ୍ କିମ୍ବା ଅଂଶ ଉପରେ କଷ୍ଟମ୍ସ ଡ୍ୟୁଟି ନିଆଯିବନାହିଁ / ଶୂନ୍ୟକୁ ହ୍ରାସ କରାଯାଇଛି।

ଶିଳ୍ପ ପାଇଁ କଷ୍ଟମ୍ ଶୁଳ୍କ ହ୍ରାସ କରିବାକୁ ସରକାରଙ୍କ ପଦକ୍ଷେପକୁ ମୋବାଇଲ୍ ଇଣ୍ଡଷ୍ଟ୍ରି ଅତ୍ୟଧିକ ସ୍ୱାଗତ କରିଛି । ରପ୍ତାନି-ନେତୃତ୍ୱ ଅଭିବୃଦ୍ଧି, ନୀତିର ସ୍ଥିରତା ସୁନିଶ୍ଚିତ କରିବା ଏବଂ ଉତ୍ପାଦନରେ ପ୍ରତିଦ୍ୱନ୍ଦ୍ୱିତାକୁ ସମାଧାନ କରିବା କ୍ଷେତ୍ରରେ ଏହି ସଂଶୋଧନ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ନୀତି ପରିବର୍ତ୍ତନ ଯାହା ଭାରତରେ ମୋବାଇଲ୍ ଫୋନ୍ ଉତ୍ପାଦନ ଶିଳ୍ପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ ।

ଇଣ୍ଡିଆ ସେଲୁଲାର୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଆସୋସିଏସନ୍ (ଓଉଉଇ) ର ଅଧ୍ୟକ୍ଷ ପଙ୍କଜ ମୋହିନ୍ଦ୍ରୋ କହିଛନ୍ତି, ଭାରତରେ ମୋବାଇଲ୍ ଉତ୍ପାଦନ ଓ ରପ୍ତାନିକୁ ପ୍ରତିଯୋଗିତା ମୂଳକ କରିବା ଦିଗରେ ସରକାରଙ୍କ ଦ୍ୱାରା ଏହା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସ୍ୱାଗତଯୋଗ୍ୟ ନୀତି ହସ୍ତକ୍ଷେପ ଅଟେ । ମୋବାଇଲ୍ ଫୋନ୍ ଇଣ୍ଡଷ୍ଟ୍ରି ଏହି ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଅର୍ଥ ମନ୍ତ୍ରଣାଳୟ ଓ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟକୁ କୃତଜ୍ଞତା ଜଣାଇଛନ୍ତି ।

ଶ୍ରୀ ମୋହିନ୍ଦ୍ରୋ ମନ୍ତବ୍ୟ ଦେଇଛନ୍ତି ଯେ ମୋବାଇଲ୍ ଫୋନ୍ ଓ ମେକାନିକ୍ସ ଏବଂ ଡାଇ-କଟ୍ ଅଂଶରେ ବିସିଡିର ୧୦% ସମନ୍ୱୟ ସାଧନ ଏବଂ ମେକାନିକ୍ସର ଇନପୁଟ ଉପରେ ୦% ରପ୍ତାନି ଦ୍ୱାରା ପରିଚାଳିତ ଅଭିବୃଦ୍ଧି ଏବଂ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସରକାରଙ୍କ ନୀତି ଦିଗରେ ପରିବର୍ତ୍ତନର ଆରମ୍ଭକୁ ପ୍ରତିପାଦିତ କରିବା ଏକ ବିରଳ ଦୃଷ୍ଟାନ୍ତ ଅଟେ।

# କଳାହାଣ୍ଡି ଉତ୍ସବରେ ବେଦାନ୍ତର ସାନଦାର ପ୍ରଦର୍ଶନ

**ଲାଞ୍ଜିଗଡ଼, ନ୍ୟୁଜ୍‌ବ୍ୟୁରୋ**

ବେଦାନ୍ତ ଆଲୁମିନିୟମ ଭାରତର ବୃହତ୍ ଆଲୁମିନିୟମ ଉତ୍ପାଦକ ଜିଲ୍ଲା ମୁଖ୍ୟକାର୍ଯ୍ୟାଳୟ ଭବାନୀପାଟଣାରେ ଆୟୋଜିତ କଳାହାଣ୍ଡି ଉତ୍ସବରେ ଯୋଗଦେଇ ଘୁମୁରା-୨୪ ଆୟୋଜନ କରିଥିଲା। ଏହି ଅଞ୍ଚଳର କଳା, ସଂସ୍କୃତି, ସଂଗୀତ, ସାହିତ୍ୟକୁ ପ୍ରତିପାଦିତ କରୁଥିବା ଏହି ବାର୍ଷିକ ଉତ୍ସବ ପାରମ୍ପାରିକ ଲୋକନୃତ୍ୟ ଘୁମରାକୁ ବିଶେଷ ପ୍ରସାରିତ କରିଥିଲା। ବେଦାନ୍ତର ଷ୍ଟଲ୍‌ରେ କମ୍ପାନୀର ଉତ୍ପାଦ ସମ୍ଭାର ପ୍ରଦର୍ଶନ କରଯାଇଥିଲା। ଏହାବ୍ୟତୀତ ଏହାର ଶିକ୍ଷା, ସ୍ୱାସ୍ଥ୍ୟ ଓ ଦକ୍ଷତା କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପଗୁଡ଼ିକ ଉପରେ ମଧ୍ୟ ଉପସ୍ଥାପନ କରିଥିଲା। ଏହି ପ୍ରଦର୍ଶନୀରେ ପ୍ରକଳ୍ପସାହି ଅଧିନରେ ଅନେକ ବିକଶିତ ହସ୍ତତନ୍ତ ଓ ପ୍ୟାକେଜ୍ ଉତ୍ପାଦକୁ ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ବେଦାନ୍ତ ଆଲୁମିନିୟମ ଦ୍ୱାରା ୪୦୦୦ରୁ ଅଧିକ ମହିଳାଙ୍କୁ ସେଲ୍‌ଫ ହେଲ୍‌ଫ ଗ୍ରୁପ୍ ମାଧ୍ୟମରେ ଉଦ୍ୟୋଗିତା ପାଇଁ ଏକ ସୁଯୋଗ ଦେଇଥିଲା। ଏହି ଉତ୍ସବରେ ୧୦୦୦୦ରୁ ଅଧିକ ଦର୍ଶକ ଯୋଗ ଦେଇଥିଲେ। ମିସ୍ ପି. ଅନ୍ୱେଷା ରେଡି, ଜିଲ୍ଲାପାଳ, କଳାହାଣ୍ଡି ଓ ଜି.ଅଭିଲାଶ ଏସ୍‌ପି, କଳହାଣ୍ଡି ଯୋଗ ଦେଇଥିଲେ। ବେଦାନ୍ତ ଲାଞ୍ଜିଗଡ଼ ଦଶମ ବୋର୍ଡ ପରୀକ୍ଷାରେ ଜିଲ୍ଲାର ଟପ୍ପରଙ୍କୁ ପୁରସ୍କୃତ କରିଥିଲା। ପ୍ରଣବ ଭଟ୍ଟାଚାର୍ଯ୍ୟ, ସିଇଓ-ଆଲୁମିନା ବିଜିନେସ୍, ବେଦାନ୍ତ ଲିମିଟେଡ୍ କହିଛନ୍ତି ଯେ କଳାହାଣ୍ଡି ଉତ୍ସବ ଆମ ସମସ୍ତଙ୍କ ପାଇଁ ଏକ ଉଲ୍ଲେଖନୀୟ ପ୍ଲାଟଫର୍ମ ଓଡ଼ିଶାର ସମୃଦ୍ଧ ଐତିହ୍ୟକୁ ବଞ୍ଚାଇ ରଖିବା ଲାଗି ନିଜର ପ୍ରତିବଦ୍ଧତାକୁ ଦୋହରାଇବା ପାଇଁ ଆମେ ଏହାର ବିକାଶ ପ୍ରତି ଯତ୍ନବାନ ରହିଛୁ। ଆମର କାର୍ଯ୍ୟକଳାପ ଓ ସାମାଜିକ ପ୍ରଭାବ ଓ ପ୍ରୟାସ ଜରିଆରେ କଳାହାଣ୍ଡିର ଅର୍ଥନୈତିକ ବିକାଶ ଦିଗରେ କାର୍ଯ୍ୟକରିବାକୁ ଚେଷ୍ଟା କରୁଛୁ। କଳାହାଣ୍ଡିର କଳା ପରମ୍ପରାକୁ ସଂରକ୍ଷଣ ତଥା ପ୍ରୋତ୍ସାହନ ପାଇଁ ବେଦାନ୍ତର ପ୍ରତିବଦ୍ଧତା ଏହାର ଷ୍ଟଲ୍‌ରେ ଥିବା ପ୍ରଦର୍ଶନୀ ମାଧ୍ୟମରୁ ସ୍ପଷ୍ଟ ହୋଇଥିଲା। ବେଦାନ୍ତ ଲାଞ୍ଜିଗଡ଼ର ଧୋକ୍ରା ଓ ସଉରାକଳାକୁ ପୁର୍ନଜୀବିତ ପାଇଁ କାର୍ଯ୍ୟକ୍ରମ ଅଧିନରେ ତାଲିମ ନେଉଥିବା କାରିଗରମାନଙ୍କ ଦ୍ୱାରା ଏହା ସୃଷ୍ଟି କରାଯାଇଥିଲା।


GOVERNMENT OF ODISHA, "e"-PROCUREMENT NOTICE
OFFICE OF THE EXECUTIVE ENGINEER, NAYAGARH (R&B) DIVISION, NAYAGARH
WORKS DEPARTMENT
B-1706
Tender call Notice
E-mail: pwdoffngd34@gmail.com
Bid Identification No. E.E-Nayagarh (R&B) Division- Online 11/2023-24

The Executive Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in single cover system in ONLINE MODE form eligible contractors for construction of Building work as detailed in the table below:

1. Nature of Work : Building & Electrical works.
2. No of Work : 6 Nos
3. Tender Cost & EMD : To be remitted online through a process as mentioned In DTCN.
4. Class of Contractor : As mentioned in DTCN
5. Available of Bid Document in the Website : From Dt.01.02.2024 11,00 AM to Dt.08.02.2024 Up to 5.00 pm .
6. Date of opening of Bid : Dt.09.02.2024 at 11.00 AM
7. The have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

OIPR-34138/11/0017/2324
Executive Engineer, Nayagarh (R&B) Division, Nayagarh



OFFICE OF THE SUPERINTENDING ENGINEER
DHENKANAL (R&B) DIVISION, DHENKANAL
B-1710
Email – eedklpwd@gmail.com
INVITATION FOR BIDS THROUGH e-Procurement
Bid Identification No. SEDKL (R&B). 55/ 2023-24
Invitation for Bids

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work& Electrical work as detailed below. | | |
| 2. | Nature of work | : | Civil Works |
| 3. | No. of work | : | 04 Nos. |
| 4. | Bid Cost. | : | ₹6,000/- |
| 5. | Class of Contractor | : | 'C' & 'D' Class |
| 6. | Availability of Bid Documents in the website | : | From 10.00 AM of 02.02.2024 to 5.00 PM of 16.02.2024 |
| 7. | Date of Opening of Bid | : | Dt.17.02.2024 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR-34016/11/0045/2324
Superintending Engineer Dhenkanal (R&B) Division



GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHUBANESWAR
Ph. No. – 0674-230178
Fax No.- 0674-230096
E.Mail I.D. – cerw_bbsr@yahoo.co.i
No:-Tender – Online – BBSR Divn. - 47 Date : 25.01.2024
e-Procurement NOTICE
O-2357

1. Name of the work : Construction of Building works
2. Total No. of Projects : 01 No
3. Class of Contractor
*(As per Works Deptt. Office memorandum no. 12586 dt. 09.09.2022
a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities.
c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual projects : Rs. 65.00 lakh to 70.00 lakh
5. Time for completion : As per Annexure of TCN Column no. 06
6. Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bhubaneswar. | Tender Online – BBSR Divn. - 47 | 01.02.2024 at 11.00 A.M. | 09.02.2024 up to 5.00 P.M | 12.02.2024 at 11.00 A.M. | 15.02.2024 at 11.00 A.M. |

7. Further details can be seen from the website www.tendersorissa.gov.in
8. Corrigendum if any / shall only be published in the above website.

OIPR-25066/11/0019/2324
Superintending Engineer Rural Works Division, BBSR



OFFICE OF THE SUPERINTENDING ENGINEER
MINOR IRRIGATION DIVISION, BOUDH
GOVERNMENT OF ODISHA e-Procurement Notice
A-1358
Bid Identification No. 18/BMID/2023-2024
E-mail ID: bmidbdh@gmail.com
Letter No. 274 / Date. 30.01.2024

01 Name of work : Improvement to Check Dam Seheme 2023-24 in Boudh District
02 Numbers of Work : 11 (Eleven) Nos
03 Tender Amount : Varies from Rs. 5.25 Lakhs to Rs. 8.46 Lakhs.
04 Class of Contractor : "D" & "C"
05 Tender paper Cost(Online) : Rs.4000/-
06 Period of Completion : 03 (Three) Calendar Months
07 Availability of Bid Document : From 03.02.2024 at 10.00 AM to 16.02.2024 at 05.00 PM in website (www.tendersorissa.gov.in)
08 Last date & Time of receipt of Bid : 16.02.2024 at 05.00 PM through online
09 Date of opening of Bid Documents : 17.02.2024 at 11.00 A.M in the office of the SE, M.I. Division, Boudh
10 Date of Lottery if required : 20.02.2024.
11 Digital Signature Certificate of Bidder : The bidder must process compatible digital signature certificate (DSC)
12 Name and address of the OIT : Superintending Engineer, M.I. Division, Boudh At/P.O:- Malisahi, District: - Boudh, PIN-762014

Further details can be seen from the Government of Odisha Web-Site:-www.tendersorissa.gov.in

OIPR-32279/11/0016/2324
Superintending Engineer M.I. Division, Boudh



GOVERNMENT OF ODISHA
A-1351
e-Procurement Notice, Superintending Engineer, M.I. Division, Angul
Bid Identification No.- 14 OF 2023-24
e-mail ID- eemidivision_angul@yahoo.com
Letter No. 206 Date:- 29.01.2024

1. Number of Works : 14 (fourteen) numbers of Civil works
2. Approximate estimated cost : Varies from Rs. 7.96 lakh 4.69 lakh
3. Cost of Tender Paper : Rs.2000/- & Rs.4000/- (Non-Refundable)
4. Period of completion : 03 (Three) Calendar months
5. Date & Time of availability of bid document In the portal : Dt. 03.02.2024 at 10.00 A.M. to Dt. 08.02.2024 up to 5.00 P.M
6. Last date / Time for receipt of bid in the portal : Dt. 08.02.2024 up to 5.00 P.M.
7. Date of opening of bid documents : Dt. 09.02.2024 at 11.00 A.M.
8. Date of lottery if required : Dt. 13.02.2024 At 11.00 A.M.
9. Name and address of the Office Inviting Bid : Superintending Engineer, Minor Irrigation Division, Angul. At / P.O.: Hakimpada, College Square, District :Angul, PIN-759143 Ph. No .: 06764- 236522Email ID:eemidivision_angul@yahoo.com
10. The bidders have to participate in ONLINE bidding only. Further details can be seen from the e-procurement portal http://tendersorissa.gov.in

Sd/-
OIPR-32284/11/0014/2324
Superintending Engineer M.I. Division, Angul.



CDA
କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨
CAD-3929
ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-6ରେ ପ୍ଲଟ୍ ନଂ-F/611 ଟିକୁ ନୃସିଂହ ଚରଣ ସାହୁ, ପିତା-ଂ ହାଡ଼ିବନ୍ଧୁ ସାହୁ, ସା-ତଳପଡ଼ା, ପୋ-ରାହାମା, ଜିଲ୍ଲା-ଜଗତସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ନୃସିଂହ ଚରଣ ସାହୁଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ସାହୁ, ସା-ତଳପଡ଼ା, ପୋ.-ରାହାମା, ଥା-ତିର୍ତ୍ତୋଲ, ଜିଲ୍ଲା- ଜଗତସିଂହପୁର ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ଉତ୍ତରାଧିକାରୀ ସୂତ୍ରରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13037/11/0209/2324
ସ୍ୱା/- ସଚିବ

ଭୁବନେଶ୍ୱର
୦୧ ଫେବୃୟାରୀ
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24









ବ୍ରହ୍ମପୁରର ଆମ୍ବପୁଆ ଗସ୍ତ ଅବସରରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଛାତ୍ରଛାତ୍ରୀମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝୁଛନ୍ତି।
(ଫଟୋ : ସମ୍ବାଦ କଳିକା)




ନୂଆଦିଲ୍ଲୀ ସ୍ଥିତ କର୍ତ୍ତବ୍ୟ ପଥରେ ଅନୁଷ୍ଠିତ ଜାତୀୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡରେ ଓଡ଼ିଶାର ପ୍ରଜ୍ଞାପନ ମେଢ ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ନୂଆଦିଲ୍ଲୀରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ବିଭାଗର ସହକାରୀ ସୂଚନା ଅଧିକାରୀ ହରପ୍ରସାଦ ମହାପାତ୍ର ଓ ପ୍ରଜ୍ଞାପନ ମେଢର ଶିଳ୍ପୀ କିର୍ତ୍ତୀ କିଶୋର ମହାରଣା ଭାରତ ସରକାରଙ୍କ ପ୍ରତିରକ୍ଷା ରାଷ୍ଟ୍ର ମନ୍ତ୍ରୀ ଅଜୟ ଭଟ୍ଟଙ୍କ ଠାରୁ ଟ୍ରଫି ଓ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି।

# ଚିଲିକା ସୁରକ୍ଷା ମାମଲାରେ ସତ୍ୟପାଠ ଦାଖଲ କଲେ ସରକାର : ଦୁଇ ସପ୍ତାହ ପରେ ପରବର୍ତ୍ତୀ ଶୁଣାଣି

**କଟକ, ୩୧/୦୧**
**ନ୍ୟୁଜ ବ୍ୟୁରୋ**

ଚିଲିକା ଚିଙ୍ଗୁଡି ଘେରି ବେଆଇନ ଉଚ୍ଛେଦକୁ ନେଇ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରିଛନ୍ତି ଓଡ଼ିଶା ହାଇକୋର୍ଟ । ଏହି ମାମଲାରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ କୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ମଙ୍ଗଳବାର ଦିନ ରାଜ୍ୟ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି । ସ୍ୱତନ୍ତ୍ର ଚିଠା ନୀତିକୁ ଚୂଡ଼ାନ୍ତ କରିବା ପ୍ରକ୍ରିୟା ଜାରି ରହିଥିବା ସତ୍ୟପାଠରେ ଉଲ୍ଲେଖ ରହିଛି । ନୀତି ଚୂଡ଼ାନ୍ତ ହେବା ପୂର୍ବରୁ ବିଭିନ୍ନ ଅଂଶିଦାରଙ୍କ ମତ ନିଆଯାଉଛି । ସେହିପରି ଚିଲିକା ହ୍ରଦକୁ କିପରି ସୁରକ୍ଷିତ ରଖାଯିବ ସେନେଇ ଏହି ନୀତି ପ୍ରସ୍ତୁତ କରାଯାଉଥିବା ସତ୍ୟପାଠ ଦାଖଲ କରିଛନ୍ତି ସରକାର । ତେବେ ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି । ହାଇକୋର୍ଟରେ ଆର୍ଦ୍ରଭୂମି ସୁରକ୍ଷା ତଥା ଚିଲିକାରେ ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦକୁ ନେଇ ରୁଜୁ ଏକ ଜନସ୍ୱାର୍ଥ ମାମଲା ଆବେଦନ ହୋଇଥିବା ବେଳେ ଏନେଇ ସତ୍ୟପାଠ ଦାଖଲ କରିଛନ୍ତି ରାଜ୍ୟ ସରକାର । ସରକାରଙ୍କ ସତ୍ୟପାଠ ଅନୁଯାୟୀ, ପ୍ରସ୍ତୁତ ହୋଇଥିବା ସ୍ୱତନ୍ତ୍ର ଚିଠା ନୀତିକୁ ଚୂଡ଼ାନ୍ତ କରିବା ପ୍ରକ୍ରିୟା ଜାରି ରହିଛି । ନୀତି ଚୂଡ଼ାନ୍ତ ହେବା ପୂର୍ବରୁ ବିଭିନ୍ନ ଅଂଶୀଦାରମାନଙ୍କ ମତ ନିଆଯାଉଛି । ସେହିପରି ଚିଲିକା ହ୍ରଦକୁ କିପରି ସୁରକ୍ଷିତ ରଖାଯିବ ସେନେଇ ଏହି ନୀତି ପ୍ରସ୍ତୁତ କରାଯାଉଥିବା ନେଇ ସତ୍ୟପାଠ ଦାଖଲ କରିଛନ୍ତି ସରକାର । ଅନ୍ୟପଟେ ଏହି ସତ୍ୟପାଠର କପି ଆମିକସ୍ କ୍ୟୁରି ଓ ଅନ୍ୟପକ୍ଷମାନଙ୍କୁ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି ଉଚ୍ଚତମ ନ୍ୟାୟାଳୟ। ଏହି ମାମଲାରେ ପୂର୍ବରୁ ରାଜ୍ୟ ସରକାର ଦର୍ଶାଇଥିଲେ ଯେ, ପାରମ୍ପରିକ ମତ୍ସ୍ୟଜୀବୀ, ଅଣପାରମ୍ପରିକ ମତ୍ସ୍ୟଜୀବୀ ଓ ଚିଲିକା ଉପକୂଳବାସୀଙ୍କ ସ୍ୱାର୍ଥ ତଥା ଜୀବନଜୀବିକା ସହ ଚିଲିକାର ଜୈବ ବିବିଧତା ଆଦି ପ୍ରସଙ୍ଗ ଜଡିତ ଥିବାରୁ ନୀତି ଚୂଡ଼ାନ୍ତ ହେବା ପୂର୍ବରୁ ସମସ୍ତଙ୍କ ମତାମତ ନିଆଯାଉଛି । ଏନେଇ କେନ୍ଦ୍ର ଭୂବିଜ୍ଞାନ ମନ୍ତ୍ରଣାଳୟର ପ୍ରାକ୍ତନ ପରାମର୍ଶଦାତା ଡକ୍ଟର ଭି.ସମ୍ପଥିନ ଓ ସାଉଥ ଏସିଆ ୱେଟଲ୍ୟାଣ୍ଡ ଇଣ୍ଟରନ୍ୟାସନାଲ ନିର୍ଦ୍ଦେଶକ ଡକ୍ଟର ରିତେଶ କୁମାରଙ୍କୁ ବିଶେଷଜ୍ଞ ଭାବେ ନିୟୋଜିତ କରାଯାଉଛି । ଚିଲିକାର ସୁରକ୍ଷା ପାଇଁ ପ୍ରଣୟନ କରାଯିବାକୁ ଥିବା ଏହି ନୀତିରେ ମତ୍ସ୍ୟଜୀବୀଙ୍କ ଜୀବନଜୀବିକା ସହିତ ବେଆଇନ ଘେରି ଉଚ୍ଛେଦ ପ୍ରସଙ୍ଗକୁ ବିଚାରକୁ ନିଆଯାଉଛି ବୋଲି ସରକାରଙ୍କ ପକ୍ଷରୁ ପୂର୍ବରୁ ମଧ୍ୟ ଅବଗତ କରାଯାଇଥିଲା।




# ପୋଲିସ ଏସ୍‌ଆଇ ନିଯୁକ୍ତି ଉପରେ ଅନ୍ତରୀଣ ନିର୍ଦ୍ଦେଶ ଲଗାଇଲେ ହାଇକୋର୍ଟ

**କଟକ, ୩୧/୦୧ ନ୍ୟୁଜ ବ୍ୟୁରୋ**

ହାଇକୋର୍ଟରେ ପୋଲିସ ସବ-ଇନ୍ସପେକ୍ଟର ନିଯୁକ୍ତି ଅନିୟମିତତା ମାମଲା । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଅନ୍ତରୀଣ ନିର୍ଦ୍ଦେଶ ଜାରି କଲେ ଓଡ଼ିଶା ହାଇକୋର୍ଟ । ଏଥିସହ ପରବର୍ତ୍ତୀ ଶୁଣାଣି ପୂର୍ବରୁ ଜବାବ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ତେବେ ହାଇକୋର୍ଟରେ ବିଚାରାଧୀନ ମାମଲାର ଚୂଡ଼ାନ୍ତ ରାୟ ଉପରେ ପୋଲିସ ସବ୍-ଇନ୍ସପେକ୍ଟର ନିଯୁକ୍ତି ପ୍ରସଙ୍ଗର ଭବିଷ୍ୟତ ନିର୍ଭର କରିବ ବୋଲି କୋର୍ଟ ଏ ସମ୍ପର୍କିତ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସୁବାସ ସେନାପତିଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତେବେ ଏକ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ



ଧାର୍ଯ୍ୟ କରିଛନ୍ତି କୋର୍ଟ । ଗତ ଜାନୁଆରୀ ୧୨ରେ ହାଇକୋର୍ଟ ମାମଲାର ପ୍ରାରମ୍ଭିକ ଶୁଣାଣି କରି ରାଜ୍ୟ ସରକାରଙ୍କୁ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଆବେଦନରେ କ'ଣ ଦର୍ଶାଇଥିଲେ ଆବେଦନକାରୀ: ପୋଲିସ ନିଯୁକ୍ତି ବୋର୍ଡ ପକ୍ଷରୁ ୨୦୨୧, ଜୁନ ୨୨ରେ ୪୭୭ଟି ପୋଲିସ ଏସ୍‌ଆଇ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ୨୦୨୩, ନଭେମ୍ବର ୨୬ ଓ ଡିସେମ୍ବର ୧୦ରେ ଲିଖିତ ପରୀକ୍ଷା ହୋଇଥିଲା। ୨୦୨୩, ଡିସେମ୍ବର ୨୧ରେ ଲିଖିତ ପରୀକ୍ଷାର ଫଳ ପ୍ରକାଶ ପାଇଥିଲା । ଶାରୀରିକ ପରୀକ୍ଷା ପରେ ଡିସେମ୍ବର ୩୧ରେ ଚୂଡ଼ାନ୍ତ ମେଧା ତାଲିକା ବୋର୍ଡ ପକ୍ଷରୁ ପ୍ରକାଶ କରାଯାଇଥିଲା । ଚୂଡ଼ାନ୍ତ ମେଧା ତାଲିକା ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ହାଇକୋର୍ଟରେ ମାମଲା ରୁଜୁ କରିଥିଲେ ଆବେଦନକାରୀ । ଆବେଦନକାରୀ ଏହି ନିଯୁକ୍ତି ପରୀକ୍ଷାରେ ଅଂଶଗ୍ରହଣ କରିଥିବା ବେଳେ ନଭେମ୍ବର ୨୬ରେ ଖୋର୍ଦ୍ଧାର ଏକ ପରୀକ୍ଷା କେନ୍ଦ୍ରର ପ୍ରଥମ ସିଟିଂରେ ପରୀକ୍ଷକ ପେପର-୧ ବଦଳରେ ଦ୍ୱିତୀୟ ସିଟିଂର ପେପର-୨ ପ୍ରଶ୍ନପତ୍ର ଖୋଲି ଦେଇଥିଲେ । ପରେ ସେମାନଙ୍କ ଠାରୁ ପ୍ରଶ୍ନପତ୍ର ଫେରାଇ ନିଆଯାଇଥିଲା । ସେମାନଙ୍କୁ ଦ୍ୱିତୀୟ ସିଟିଂ ଆରମ୍ଭ ହେବା ପର୍ଯ୍ୟନ୍ତ ସେଠାରେ ରଖାଯାଇଥିଲା । ପରେ ଦ୍ୱିତୀୟ ସିଟିଂ ପ୍ରାୟ ସାଢେ ଗୋଟାଏ ବେଳେ ଆରମ୍ଭ ହେବାରୁ ପେପର-୨ର ପ୍ରଶ୍ନପତ୍ର ପୁନଃ ଦିଆଯାଇଥିଲା । ଉକ୍ତ ପରୀକ୍ଷାକେନ୍ଦ୍ରର ପରୀକ୍ଷାର୍ଥୀଙ୍କ ପେପର-୧ ପରୀକ୍ଷା ଆଉ ସେଦିନ କରାଯାଇନଥିଲା । ଡିସେମ୍ବର ୧୦ରେ ପେପର-୧ ପରୀକ୍ଷା କରାଯାଇଥିଲା । ଯେହେତୁ ନଭେମ୍ବର ୨୬ରେ ପ୍ରଥମ ସିଟିଂ ବେଳେ ପେପର-୨ ପ୍ରଶ୍ନପତ୍ର ପରୀକ୍ଷାର୍ଥୀଙ୍କୁ ପ୍ରଥମେ ପ୍ରଦାନ କରାଯାଇଥିଲା ଓ ଏହି ପ୍ରଶ୍ନପତ୍ର କିଛି ସମୟ ପ୍ରାର୍ଥୀଙ୍କ ନିକଟରେ ରହିଥିଲା। ତେଣୁ ଏହି କେନ୍ଦ୍ରରୁ ପ୍ରଶ୍ନପତ୍ର ଲିକ୍ ହେବାର ଯଥେଷ୍ଟ ସମ୍ଭାବନା ରହିଥିଲା। କିନ୍ତୁ କର୍ତ୍ତୃପକ୍ଷ ସଂପୂର୍ଣ୍ଣ ପରୀକ୍ଷା ବାତିଲ କରିନଥିଲେ । ଅନ୍ୟପଟେ ଲିଖିତ ପରୀକ୍ଷା ଫଳ ପ୍ରକାଶ ବେଳେ କଟ ଅଫ ମାର୍କ ଧାର୍ଯ୍ୟ ପ୍ରସଙ୍ଗରେ ମଧ୍ୟ ବ୍ୟାପକ ଅନିୟମିତତା ହୋଇଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି।

# ୧୬ରୁ ଖଣ୍ଡଗିରି ମାଘମେଳା ବିଏମ୍‌ସିର ପ୍ରସ୍ତୁତି

**ଭୁବନେଶ୍ୱର,୩୧ /୧ ନ୍ୟୁଜ ବ୍ୟୁରୋ**

ଖଣ୍ଡଗିରିସ୍ଥିତ ମା' ବାରଭୁଜା ପୀଠରେ ସର୍ବଭାରତୀୟ ସାଧୁସନ୍ଥ ସମ୍ମିଳନୀ ତରଫରୁ 'ସମ୍ପୂର୍ଣ୍ଣ ଖଣ୍ଡଗିରି ମାଘମେଳା- ୨୦୨୪'ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଫେବୃୟାରୀ ୧୬ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମେଳା ପାଇଁ ପ୍ରଭୁଜୀ ଲଳିତ ନାରାୟଣ ଦାସଙ୍କ ସଭାପତିତ୍ୱରେ ବୈଠକ ବସିଥିଲା। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ସନାତନ ଧର୍ମରକ୍ଷକ ସାଧୁସନ୍ଥ ଯୋଗ ଦେଇଥିଲେ। ମେଳାରେ ନାମଯଜ୍ଞ ସହ ବିଶ୍ୱଶାନ୍ତି ମହାଯଜ୍ଞ ଓ ମାନବସେବା ଆଦି କାର୍ଯ୍ୟକ୍ରମ ରହିଛି। ସାଧୁସନ୍ଥଙ୍କ ସୁରକ୍ଷା, ଧୂନୀକୁଣ୍ଡ ସ୍ଥାପନ ନିମନ୍ତେ କାଠ, ସମିଧ, ଗୋ-ଘୃତ ଆଦିର ଆବଶ୍ୟକତା ସହ ସାଧୁସନ୍ଥମାନଙ୍କ ପାଇଁ ଅସ୍ଥାୟୀ ଶିବିର ନିର୍ମାଣ, ପାହାଡ଼ ଉପର ପର୍ଯ୍ୟନ୍ତ ପାନୀୟ ଜଳ ଓ ବିଦ୍ୟୁତ୍ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଉଭୟ ପାହାଡ଼ରେ ଜଳାଶୟ ଓ ଦୁଇ ପାହାଡ଼ ପରିସରକୁ ପରିଚ୍ଛନ୍ନ କରିବା ଓ ବିଭିନ୍ନ ସ୍ଥାନରେ ଅସ୍ଥାୟୀ ପାଇଖାନା ନିର୍ମାଣ ପାଇଁ ସରକାର ଓ ପ୍ରଶାସନ ଦୃଷ୍ଟି ଦେବାକୁ ଆଲୋଚନା ହୋଇଥିଲା। ଏହି ବୈଠକରେ କୃଷ୍ଣ ମହାରାଜ, ସ୍ୱାମୀ ଆନନ୍ଦରାଜା, ଶୁକଦେବ ଗିରି, ପରମାନନ୍ଦ ମହାରାଜ, ଗୁନା ଜେନା, ରଘୁନାଥ ମହାନ୍ତି, ସୁଶାନ୍ତ, ଅର୍ଦ୍ଧେନ୍ଦୁ ଦାସଙ୍କ ସମେତ ସାଧୁସନ୍ଥମାନେ ଯୋଗ ଦେଇଥିଲେ। ଲଳିତ ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ। ଏହି ମେଳା ପାଇଁ ବିଏମ୍‌ସି ପକ୍ଷରୁ ପ୍ରସ୍ତୁତି ବୈଠକ ବସିଥିଲା।


## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ସୁସ୍ଥ ଅଛି ନନ୍ଦନକାନନରେ ସାପ ଚୋଟ ଖାଇଥିବା ବାଘ

**ବାରଙ୍ଗ/ଭୁବନେଶ୍ୱର, ୩୧/୧ ନ୍ୟୁଜ ବ୍ୟୁରୋ**

ସାପ କାମୁଡ଼ିଥିବା ବାଘ ଏବେ ସୁସ୍ଥ ଅଛି । ପୁନର୍ବାର ତାକୁ ଖୁଆଡରେ ଛଡା ଯାଇଛି । ନନ୍ଦନକାନନ ପ୍ରାଣୀ ଉଦ୍ୟାନ ୩୩-କ ଏନକ୍ଲୋଜରରେ ରହୁଥିବା ମେଲାନିଷ୍ଟିକ ବାଘ ବାସୁକୁ ଗୋଟିଏ ସାପ କାମୁଡ଼ି ଦେଇଥିଲା । ସାପ କାମୁଡାରେ ବାସୁ ସାମାନ୍ୟ ଆହତ ହୋଇଥିବା ବେଳେ ଗୋଡରୁ ରକ୍ତ ବାହାରୁଥିଲା। ଜଣାପଡିବା ପରେ ତା'ର ଚିକିତ୍ସା କରାଯାଇଛି । ବାଘ ବାସୁ ଏବେ ସୁସ୍ଥ ଅଛି । ପୁନର୍ବାର ତାକୁ ଖୁଆଡ଼ରେ ଛଡ଼ାଯାଇଛି । ଅନ୍ୟପଟେ ସାପଟି ମିଳିନଥିବା ବେଳେ ସମସ୍ତ ଗାତଗୁଡିକୁ ବନ୍ଦ କରିଦିଆଯାଇଛି ।





ଭୁବନେଶ୍ୱର : କମିଶନରେଟ୍ ପୋଲିସକୁ ବଡ ସଫଳତା। ମୋମୋ ଦୋକାନୀ କନ୍ଧମାଳର ରାଜେଶ କୁମାର ନାୟକ ଗିରଫ। ତା' ନିକଟରୁ ୧୫ ଚୋରା ବାଇକ୍ ଜବତ। (ଫଟୋ : ସମ୍ବାଦ କଳିକା)

# ଅବସରପ୍ରାପ୍ତ ଅବକାରୀ ଅଧିକ୍ଷକଙ୍କୁ ୨ବର୍ଷ ଜେଲ୍

**ଭୁବନେଶ୍ୱର, ୩୧/୧ ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାର ପୂର୍ବତନ ତଥା ଅବସରପ୍ରାପ୍ତ ଅବକାରୀ ଅଧିକ୍ଷକ ଅଶୋକ କୁମାର ଜେନାଙ୍କୁ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ ଧାରା୧୩(୨)/୧୩(୧)(ଇ) ଅନୁସାରେ ୨ବର୍ଷ ଜେଲଦଣ୍ଡ ଓ ୫୦ହଜାର ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ ଗତ ୨୦୧୭ରେ ଗଞ୍ଜାମ ଜିଲ୍ଲାର ଅବକାରୀ ଅଧିକ୍ଷକ ଥିବା ଶ୍ରୀ ଜେନାଙ୍କ ବିରୋଧରେ ଆୟବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଚଢଉ କରି ବିପୁଳ ସମ୍ପତ୍ତି ଠାବ କରିଥିଲା। ତାଙ୍କ ବିରୋଧରେ ଭିଜିଲାନ୍ସ ଏକ ମାମଲା ରୁଜୁ କରିଥିଲା। ଏହି ମାମଲାରେ ଭିଜିଲାନ୍ସ ଚାର୍ଜସିଟ ମଧ୍ୟ ଦାଖଲ କରିଥିଲା।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ବିକାଶର ବାଟ ଓଗାଳିଛି ନଦୀ, ପାହାଡ଼ : ଦୁର୍ଦ୍ଦଶା ଭୋଗୁଛନ୍ତି ୮ଖଣ୍ଡ ଗ୍ରାମବାସୀ

**କଲ୍ୟାଣସିଂହପୁର, ୩୧/୧**
**ନ୍ୟୁଜ ବ୍ୟୁରୋ**

ନିର୍ମାଣ ହୋଇପାରୁନି ସ୍ଥାୟୀ ପୋଲ। ଯନ୍ତ୍ରଣା ଭୋଗୁଛନ୍ତି ଗ୍ରାମବାସୀ। ଖରା ଦିନେ କାଠ ପୋଲ ଯାତାୟାତର ମାଧ୍ୟମ ପାଲଟୁଛି। ବର୍ଷା ହେଲେ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ। ଗୁହାରି ସତ୍ତ୍ୱେ ପ୍ରଶାସନ ଶୁଣୁନଥିବାରୁ ନାଗାବଳୀରେ କାଠ ପୋଲ ନିର୍ମାଣ କରିଛନ୍ତି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସିକରପାଇ ପଞ୍ଚାୟତର ତଳସାଜା ଓ ଉପରସାଜା ଗ୍ରାମବାସୀ। ନାଗାବଳୀ ନଦୀ ଅପରପାର୍ଶ୍ୱରେ ରହିଛି ଶିକରପାଇ ପଞ୍ଚାୟତର ତଳସାଜା, ଉପରସାଜା, ପଲମା ପଞ୍ଚାୟତର ଏରେଗେଣ୍ଡା, ମାଣ୍ଡିପର, କୁଶବାଟି, ମାଝିଗୁଡ଼ା ପଞ୍ଚାୟତର ନିମାଝୋଲା, କଟଲପାଡୁ ଓ ରଘୁନାଥପୁର ଗାଁ। ଗୋଟିଏ ପଟେ ନଦୀ ଓ ଅନ୍ୟପଟେ ପାହାଡ଼, ମଝି ଅଞ୍ଚଳରେ



ବର୍ଷ ବର୍ଷ ଧରି ଦୁର୍ଦ୍ଦଶା ଭୋଗୁଛନ୍ତି ୮ଖଣ୍ଡ ଗ୍ରାମବାସୀ। ନଦୀରେ ପୋଲ ନଥିବାରୁ ଲୋକେ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ବିଶେଷ କରି ବର୍ଷା ଦିନରେ ସମସ୍ୟା ସୃଷ୍ଟି ହେଉଥିବା ବେଳେ ଗ୍ରୀଷ୍ମ ଓ ଶୀତ ଋତୁରେ ମଧ୍ୟ ସମାନ ସ୍ଥିତି ଲାଗି ରହୁଛି। ରୋଗୀକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା, ଛାତ୍ରଛାତ୍ରୀ ସ୍କୁଲ ଓ କଲେଜ ଯିବା ସମୟରେ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା ନ କହିବା ଭଲ। ଜୀବନ ଜୀବିକା ପାଇଁ ୮ଖଣ୍ଡ ଗ୍ରାମବାସୀ ଶିକରପାଇ, ମାଝିଗୁଡ଼ା, କଲ୍ୟାଣସିଂହପୁର ଓ ଜେକେପୁରକୁ ଆସିଥାନ୍ତି। ସବୁକ୍ଷେତ୍ରରେ ଏହି ଗ୍ରାମବାସୀଙ୍କ ବାଟରେ ବାଧକ ସାଜିଛି ନାଗାବଳୀ ନଦୀ। ସ୍ଥାୟୀ ପୋଲ ନିର୍ମାଣ ହୋଇପାରୁନଥିବାରୁ ଚଳିତ ବର୍ଷ ମଧ୍ୟ ନିଜ ଉଦ୍ୟମରେ କାଠ ପୋଲ ନିର୍ମାଣ କରିଛନ୍ତି ଗାଁର ଯୁବକମାନେ। ନିଜସ୍ୱ ଉଦ୍ୟମରେ ଜଙ୍ଗଲରୁ କାଠ, ବାଉଁଶ ସଂଗ୍ରହ କରି କାଠ ପୋଲ ନିର୍ମାଣ କରିବା ପରେ ନିଜେ ଗ୍ରାମବାସୀ ହିଁ ଏହାର ଉଦ୍‌ଘାଟନ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୩ ଜୁଲାଇ ୩୧ ତାରିଖରେ ଉପରସାଜା ଗ୍ରାମରେ ନିର୍ମାଣାଧୀନ କଲଭର୍ଟ ଭୁଶୁଡ଼ି ୪ ଶିଶୁଙ୍କ ସମେତ ୫ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଓଡ଼ିଶା ଗ୍ରାମ୍ୟ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀ ନିଲମ୍ବିତ ହୋଇଥିଲେ। ଠିକାଦାରଙ୍କ ବିରୋଧରେ କଲ୍ୟାଣସିଂହପୁର ଥାନାରେ ମାମଲା ମଧ୍ୟ ରୁଜୁ ହୋଇଥିଲା। ଏହି ଘଟଣା ପରଠାରୁ ତଳସାଜା, ଉପରସାଜା ଗ୍ରାମକୁ ରାସ୍ତା ନିର୍ମାଣ ବନ୍ଦ ରହିଛି। ସେହିପରି ନାଗାବଳୀ ନଦୀରେ ପୋଲ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଅନୁମୋଦନ ମିଳିଛି। ଡିପିଆର୍ ଦାଖଲ କରାଯାଇଛି। ଟେଣ୍ଡର ପ୍ରକ୍ରିୟା ପାଇଁ ନିର୍ଦ୍ଦେଶ ମିଳିବା ପରେ କାମ ଆରମ୍ଭ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ ରାଉତରାୟ କହିଛନ୍ତି।


## ଏବେ ବଜାରରେ ଉପଲବ୍ଧ...

## 'କଥାକଳିକା' ଫେବୃଆରୀ-୨୦୨୪ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଜିରୋନାଇଟ୍ : ମନୋଜ କୁମାର ମହାପାତ୍ର।
**ସମକାଳର କଥା :** ଶୋକାର୍ତ୍ତ ସମୟ-କ୍ଷୀରୋଦ ଦାସ, ଋଣ ଶୁଝିବା ଦିନ- ମଧୁମିତା ମହାନ୍ତି, ରେବତୀ- ସୀମାଞ୍ଚଳ ଦାଶ, ପଞ୍ଚମ ଦୁର୍ଘଟଣା- ଦାଶରଥି ଭୂୟାଁ, ରିକ୍ସାବାଲା- ସୁଷମା ପରିଜା।
**ଅନ୍ୟଭାଷାର କଥା :** ଆରଣ୍ୟକ ବିଭୂତି ଭୂଷଣ - ପ୍ରଦୀପ୍ତ ଶ୍ରୀଚନ୍ଦନ।
**ଯୁବ ମାନସର କଥା :** ପାଉଁଜି-ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଚାନ୍ଦିନୀ-ଯଶୋବନ୍ତ ସେଠୀ, ଜଟିଆ ବାବାଙ୍କ ଜଟାଛିଡା ଉପାଖ୍ୟାନ- କିଶୋରଚନ୍ଦ୍ର ଜେନା, ଦେବୀ ପକ୍ଷ- ନିରୂପମାକର, ଉଠ, ଜାଗ- ସୁନାକର ସାହୁ, ମାଳି- ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଅବ୍ୟକ୍ତ ଯନ୍ତ୍ରଣା- ପୁଷ୍ପାଞ୍ଜଳି ସାହୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com

ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)